**ବନ ବିଭାଗର ଚଢ଼ଉ**

# ବିପୁଳ ଶାଗୁଆନ କାଠ ସହ ଆସବାବପତ୍ର ଜବତ

ଅନୁଗୋଳ,୧୧।୪(ସମିସ):

ଅନୁଗୋଳ ବନଖଣ୍ଡରେ ଜଙ୍ଗଲୀ ଅପରାଧ ବିରୋଧରେ ଜାରି ରହିଥିବା 'ଜିରୋ ଟୋଲରାନ୍ସ' ଅଭିଯାନରେ ଏକ ବଡ଼ ସଫଳତା ମିଳିଛି। ଶୁକ୍ରବାର ଅପରାହ୍ନରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଛେଣ୍ଡିପଦା ରେଞ୍ଜ ଅଧିକାରୀଙ୍କ ନେତୃତ୍ୱରେ ବନ କର୍ମଚାରୀମାନେ କୋଶଳା ସେକ୍ସନ ଅନ୍ତର୍ଗତ ଜଲତାପ-୧ ବିଟ୍ ବ୍ରାହ୍ମଣୀବିଲ ଗ୍ରାମରେ ଚଢ଼ଉ କରିଥିଲେ। ସେଠାରୁ ବିପୁଳ ପରିମାଣର ବେଆଇନ ଶାଗୁଆନ କାଠ ସହ ଆସବାବପତ୍ର ଓ କାଠ କଟା ଯନ୍ତ୍ରପାତି ଜବତ କରାଯାଇଛି। ପ୍ରାୟ ୨୧.୦୧୮ ଘନଫୁଟର ୨୪ ଖଣ୍ଡ ଶାଗୁଆନ ଚିରା କାଠ, ତିଆରି ଚାଲିଥିବା ଡ୍ରେସିଂ ଟେବୁଲ୍, ଦୁଇଟି ବେଡ୍ ହେଡ୍ ବକ୍ସ, ସୋଫା ସେଟ୍‌ର କିଛି ଅଂଶ ଏବଂ ଦୁଇଟି ବେଡ୍ ହେଡ୍ ବୋର୍ଡ ଜବତ ହୋଇଛି। ଏହା ସହିତ କାଠ କାମରେ ବ୍ୟବହୃତ ହେଉଥିବା ବୈଦ୍ୟୁତିକ ଓ ହାତରନ୍ଦା, ପଲିସିଂ ମେସିନ୍, କଟର ମେସିନ୍, କୁନ୍ଦ ମେସିନ୍, କରତ, ବାରିସି ଓ ବାଟାଳି ଭଳି ଅନେକ ସାମଗ୍ରୀ ଜବତ କରାଯାଇଛି।



ଏହି ବେଆଇନ କାର୍ଯ୍ୟ ଅଭିଯୋଗରେ ବ୍ରାହ୍ମଣୀବିଲ ଗ୍ରାମର ପ୍ରତାପ କୁମାର ସାହୁଙ୍କ ବିରୋଧରେ ବନ ଆଇନ ଅନୁଯାୟୀ ଏକ ମାମଲା ରୁଜୁ କରାଯାଇଛି। ଚଢ଼ଉ ବେଳେ ଅଭିଯୁକ୍ତ ଉପସ୍ଥିତ ନ ଥିବାରୁ ତାଙ୍କୁ ଗିରଫ କରିବା ପାଇଁ ବନ ବିଭାଗ ପକ୍ଷରୁ ପ୍ରଚେଷ୍ଟା ଜାରି ରହିଛି। ଚଢ଼ଉରେ ରେଞ୍ଜ ଅଧିକାରୀ ଶୁଭ୍ରା ସୁଚିସ୍ମିତା ମହାପାତ୍ର, ଫରେଷ୍ଟର ସୋନାପିକା ପ୍ରିୟଦର୍ଶିନୀ, ବେଣୁଧର ବେହେରା, ଫରେଷ୍ଟ ଗାର୍ଡ ଆଶିଷ କୁମାର ସାହୁ ଏବଂ ହାତୀ ସ୍କ୍ୱାଡ୍ ସଦସ୍ୟମାନେ ସାମିଲ ହୋଇଥିଲେ।

# ମା'ର ମମତାରୁ ବଞ୍ଚିତ ବାପୁନ, ସିପୁନ

## ବେଳାଏ ଖାଇଲେ ବେଳାଏ ଉପାସ

ବଁଅରପାଳ,୧୧।୪(ସମିସ): ରୋଗରେ ପଡ଼ି ବାପା ଚାଲିଗଲେ ଆରପାରିକୁ। ବାପା ଚାଲିଯିବା ପରେ ପରିବାର ଚଳାଇବା ମା' ପକ୍ଷରେ ସମ୍ଭବ ହେଲା ନାହିଁ। ତେଣୁ ସେ ମଧ୍ୟ କେଉଁଆଡ଼େ ପଳାଇଲେ। ଘରେ ରହିଗଲେ ଦୁଇ ପୁଅ ବାପୁନ ଓ ସିପୁନ। ବାପୁନଙ୍କ ବୟସ ଏବେ ମାତ୍ର ୧୨ ବର୍ଷ ହୋଇଥିବା ବେଳେ ସିପୁନଙ୍କ ବୟସ ୮ ବର୍ଷ। କିଶୋର ବୟସରେ ବାପଛେଉଣ୍ଡ ଦୁଇଭାଇ ମା'ର ମମତାରୁ ବି ବଞ୍ଚିତ ରହିଛନ୍ତି। ଓଳିଏ ଖାଇଲେ ଓଳିଏ ଉପାସ ରହିବାକୁ ବାଧ୍ୟ ହେଉଛନ୍ତି।




ବଁଅରପାଳ ବ୍ଲକ ଫୁଲପଡ଼ା ପଞ୍ଚାୟତ କମାରସାହିର ଏହି ଦୁଇ ବାଳକଙ୍କ ବାପା ବାବୁଲି ବେହେରାଙ୍କ ୬ ବର୍ଷ ତଳେ ମୃତ୍ୟୁ ଘଟିଲା। ପରେ ମା' ରଞ୍ଜୁ ବେହେରା ଦୁଇ ପୁଅଙ୍କୁ ଛାଡ଼ି କେଉଁଆଡ଼େ ଚାଲିଗଲେ। ମା' ଚାଲିଯିବା ବେଳେ ବାପୁନଙ୍କୁ ହୋଇଥିଲା ୬ ବର୍ଷ ଓ ସିପୁନଙ୍କୁ ମାତ୍ର ଦୁଇ ବର୍ଷ। ଦୁଇ ଭାଇ ଅନାଥ ହୋଇଗଲେ। ମାଗିଯାଚି ବଞ୍ଚିବାକୁ ଲାଗିଲେ। ଏବେ ଏକ କୁଡ଼ିଆ ଘରେ ରହୁଛନ୍ତି। ଏବେ ପ୍ରଶ୍ନ ଉଠିଛି ଏମାନଙ୍କୁ ପାଠ ପଢ଼ାଇବ କିଏ। ସେମାନେ ଦୁନିଆ ଦେଖିବେ କେମିତି ତାହା ବୁଝିବା ପାଇଁ କେହି ନାହାନ୍ତି। ଅନୁଗୋଳ ଜିଲ୍ଲାରେ ଅନେକ ସ୍ୱେଚ୍ଛାସେବୀ ସଂଗଠନ ରହିଥିବା ବେଳେ ଏହି ଦୁଇ ପିଲାଙ୍କ ଉପରେ କାହାରି ନଜର ପଡୁନାହିଁ। ସେହିପରି ପ୍ରଶାସନର ମଧ୍ୟ ନଜର ଏହି ଦୁଇ ନିଷ୍ପାପ ଶିଶୁଙ୍କ ଉପରେ ଅଦ୍ୟାବଧି ପଡ଼ିପାରିନାହିଁ। ଫଳରେ ଏକ କୁଡ଼ିଆ ମଧ୍ୟରେ ଅଭିଶପ୍ତ ଜୀବନ ବିତାଉଛନ୍ତି ବାପୁନ ଓ ସିପୁନ। ଜଣେ ସମ୍ପର୍କୀୟ ଓ ସ୍ଥାନୀୟ ଲୋକେ ଯାହା ଗଣ୍ଡେ ଦିଅନ୍ତି ଦୁଇ ଭାଇ ଖାଆନ୍ତି। ଓଳିଏ ଖାଇଲେ ଆର ଓଳିକୁ ଉପବାସ ରହିବାକୁ ପଡ଼େ। ତେଣୁ ଦୁଇ ଶିଶୁଙ୍କୁ କୌଣସି ସରକାରୀ କିମ୍ବା ଘରୋଇ ଅନୁଷ୍ଠାନ ସହଯୋଗର ହାତ ବଢ଼ାଇବା ପାଇଁ ଅଞ୍ଚଳବାସୀ ଅନୁରୋଧ କରିଛନ୍ତି।

# ନାଲ୍‌କୋ ଅଫିସର ସଂଘର ଶପଥପାଠ ଉତ୍ସବ




ଅନୁଗୋଳ,୧୧।୪(ସମିସ): ନାଲ୍‌କୋ ଏସଆଣ୍ଡପି ଓ କୋଲ୍ ମାଇନ୍ସର ନାଲକୋ ଅଫିସର ସଂଘର ନବନିର୍ବାଚିତ ସଦସ୍ୟଙ୍କ ଶପଥପାଠ ଉତ୍ସବ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି। ଏସଆଣ୍ଡପି ଓ କୋଲ୍ ମାଇନ୍ସ ପାଇଁ ମୋଟ ୧୬ ଏକ୍‌ଜିକ୍ୟୁଟିଭ୍ ବଡି ସଦସ୍ୟ ଶପଥ ଗ୍ରହଣ କରିଥିଲେ। ୨୦୨୬ରୁ ୨୦୨୮ ପର୍ଯ୍ୟନ୍ତ ଦୁଇବର୍ଷ ପାଇଁ ଏମାନଙ୍କ କାର୍ଯ୍ୟକାଳ ରହିଛି। ଶପଥପାଠ ଉତ୍ସବକୁ ମହାପ୍ରବନ୍ଧକ ଅଭୟ କୁମାର ଅଗସ୍ତି ପରିଚାଳନା କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ନାଲକୋ ସିପିପି ପ୍ଲାଣ୍ଟ ଇଡି ସତ୍ୟବାଦୀ ମିଶ୍ର ସଦସ୍ୟଙ୍କୁ ଶପଥପାଠ କରାଇଥିଲେ। ଉତ୍ସବରେ ଗୋବିନ୍ଦ ଚନ୍ଦ୍ର ଦାସ, ହିମାଂଶୁ ଶେଖର ପ୍ରଧାନ, ରାଜୀବ ରଞ୍ଜନ, ଭରତ ଚନ୍ଦ୍ର ମହାରଣା, ପ୍ରଣବ କୁମାର ମହାରଣା, ହିମାଂଶୁ ଶେଖର ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

ସଭାପତି ଭାବେ ଦେବାଶିଷ ମିଶ୍ର, ଉପସଭାପତି ଭାବେ କିଶୋର କୁମାର ବେହେରା, ଶରତ ଚନ୍ଦ୍ର ହେମ୍ବ୍ରମ, ସାଧାରଣ ସମ୍ପାଦକ ଭାବେ ନଳିନୀକାନ୍ତ ପଣ୍ଡା, ଯୁଗ୍ମ ସମ୍ପାଦକ ଭାବେ ମନୋଜ କୁମାର ରଣା, ଦେବୀପ୍ରସାଦ ମହାପାତ୍ର, କୁମାରୀ ଏରା, ପ୍ରତାପ ଚନ୍ଦ୍ର ମଲ୍ଲିକ ଓ କୋଷାଧ୍ୟକ୍ଷ ଭାବେ ନରେଶ ମିଶ୍ରଙ୍କ ସମେତ ସଦସ୍ୟ ଶପଥପାଠ ଉତ୍ସରେ ସାମିଲ ହୋଇଥିଲେ। ଲକ୍ଷ୍ମୀଧର ରାଉତ, ସୁଭାଶିଷ ପଣ୍ଡା, ପରମବ୍ରହ୍ମଚାରୀ ଭେଙ୍କଟ ନିଲୋଜି, ପ୍ରସନ୍ନଜିତ୍ ବିଶ୍ୱାସ, ରାଜେଶ ସାହୁ, ବୈଦ୍ୟନାଥ ସୋରେନ, ରାହୁଲ କ୍ରିଷ୍ଣା, ହିମେଶ ଭଣ୍ଡାରୀ, ଗଗନ ସେନାପତି, ମୋହିତ ସିଂ, ପେଜୁ ଆଲ୍‌ଙ୍କୁ ସଂଘ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଉପସଭାପତି କିଶୋର କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

**ଚାଉଳ ପାଇଁ ଯାଇଥିଲେ**

# ବାଟରେ ଚାଲିଗଲା ଜୀବନ

କଣିହାଁ,୧୧।୪(ସମିସ): କଣିହାଁ ଥାନା ବଳରାମପୁର ଗ୍ରାମର ଦାଶରଥି ବିରୁଆ (୭୨) ଚାଉଳ ପାଇଁ ନିକଟସ୍ଥ ନିଆଲୁ ଗାଁ ଦୋକାନକୁ ଯାଇଥିବା ବେଳେ ବାଟରେ ତାଙ୍କ ଜୀବନ ଯାଇଛି। ଦାଶରଥି ଚାଉଳ ଆଣିବା ପାଇଁ ଲୁନା ଯୋଗେ ଯାଉଥିବା ବେଳେ ରକ୍ତଚାପ ବଢ଼ିବାରୁ ପଡ଼ିଯାଇଥିଲେ। ତାଙ୍କୁ ପାଖରେ ଥିବା ଏକ କ୍ଲିନିକକୁ ନେବା ସହ ପରେ କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଉଥିବା ବେଳେ ବାଟରେ ମୃତ୍ୟୁ ହୋଇଛି। ପୁଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁକରି ଶୁକ୍ରବାର ଶବ ବ୍ୟବଚ୍ଛେଦ ପାଇଁ ତାଳଚେର ମେଡିକାଲ ପଠାଇବା ସହ ତଦନ୍ତ ଚଳାଇଛି।

# 'ସାଲିସବିହୀନ ସଂଗ୍ରାମୀ ଥିଲେ ସୁରେନ୍ଦ୍ର'

## ପୁଣ୍ୟତିଥିରେ ସମାଜବାଦୀ ଜନନେତାଙ୍କୁ ଶ୍ରଦ୍ଧାଞ୍ଜଳି

କିଶୋରନଗର,୧୧।୪(ସମିସ): ଓଡ଼ିଶା ରାଜନୀତିରେ ନିର୍ଭେଜାଲ ନେତା ତଥା ସାଲିସବିହୀନ ସଂଗ୍ରାମୀ ଭାବେ ସୁରେନ୍ଦ୍ର ପ୍ରଧାନ ଚିର ସ୍ମରଣୀୟ। ଶିକ୍ଷା, କୃଷି ଓ ଜଳସେଚନ କ୍ଷେତ୍ରରେ ତାଙ୍କର ଉଦ୍ୟମ ଅତୀବ ପ୍ରଶଂସନୀୟ ଥିଲା ବୋଲି ଶନିବାର ପିଏମଶ୍ରୀ କିଶୋରନଗର ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ତାଙ୍କ ତିରୋଧାନ ଦିବସ ପାଳନ କାର୍ଯ୍ୟକ୍ରମରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି।



କିଶୋରନଗର ଉଚ୍ଚ ବିଦ୍ୟାଳୟର ଅନ୍ୟତମ ପ୍ରତିଷ୍ଠାତା ତଥା ପ୍ରଥମ ପ୍ରଧାନଶିକ୍ଷକ ସୁରେନ୍ଦ୍ର ପ୍ରଧାନଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଶୋକ କୁମାର ପ୍ରଧାନ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ତାଙ୍କ ପୁଅ ତଥା ପ୍ରାକ୍ତନ ଜିଲ୍ଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ, ଡା. ଅଲେଖ କୁମାର ପ୍ରଧାନ, ରାମଚନ୍ଦ୍ର ଦେହୁରୀ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଲବ ପ୍ରଧାନ, ଖଗେଶ୍ୱର ସାହୁ, ଦିବାକର ମାଝି, ଦେବରାଜ ପ୍ରଧାନ, ରମାକାନ୍ତ ପ୍ରଧାନ, ସୁଦାମ ଚରଣ ପ୍ରଧାନ, ରାମଚନ୍ଦ୍ର ବେହେରା, ସୁଧୀରରଞ୍ଜନ ପ୍ରଧାନଙ୍କ ସମେତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଶିକ୍ଷକ ସଂଗ୍ରାମ କେଶରୀ ପୃଷ୍ଟି ଓ ଭୈରବ କୁମାର ଦେହୁରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ପ୍ରବନ୍ଧ ଲିଖନ, ସାଧାରଣଜ୍ଞାନ, ଚିତ୍ରାଙ୍କନ ଓ ଓଡ଼ିଆ ଭାଷାଜ୍ଞାନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଆର୍ଥିକ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସ୍ୱର୍ଗତ ସୁରେନ୍ଦ୍ର ପ୍ରଧାନଙ୍କ ସ୍ମୃତିରେ ଚଳିତବର୍ଷଠାରୁ ଷଷ୍ଠ, ସପ୍ତମ, ଅଷ୍ଟମ ଓ ନବମ ଶ୍ରେଣୀ ବାର୍ଷିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖୁଥିବା ଛାତ୍ରଛାତ୍ରୀଙ୍କୁ ମାସିକ ତିନିଶହ ଟଙ୍କା ଲେଖାଏଁ ବୃତ୍ତି ପ୍ରଦାନ କରାଯିବ ବୋଲି ତାଙ୍କ ପୁଅ ଜ୍ୟୋତିରଞ୍ଜନ ପ୍ରଧାନ ଘୋଷଣା କରିଥିଲେ। ବାଜିରାଉତ ଛାତ୍ରାବାସର ସଦସ୍ୟା ଲିପିକା ମହାପାତ୍ର ସ୍ୱାଗତ ସଙ୍ଗୀତ ପରିବେଷଣ ସହ ଧନ୍ୟବାଦ ଅର୍ପଣ କରିଥିଲେ।

**● ଭରତପୁର ଶ୍ରମିକ ସଂଘର ସାଧାରଣ ସଭା ଓ ନିର୍ବାଚନ**

# ବ୍ରଜକିଶୋର ସଭାପତି, ବାବୁଲାଲ ସାଧାରଣ ସମ୍ପାଦକ



ତାଳଚେର,୧୧।୪(ସମିସ): ହିନ୍ଦ୍ ମଜଦୁର ସଭା ସହବନ୍ଧିତ ଭରତପୁର ଶ୍ରମିକ ସଂଘର ବାର୍ଷିକ ସାଧାରଣ ସଭା ଓ ୨୦୨୬-୨୭ ପାଇଁ କର୍ମକର୍ତ୍ତା ନିର୍ବାଚନ ସଂଘ ସଭାପତି ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନଙ୍କ ସଭାପତିତ୍ୱରେ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି। ଏଥିରେ ସଭାପତି ଭାବେ ବିଧାୟକ ବ୍ରଜକିଶୋର ପ୍ରଧାନ ଓ ସାଧାରଣ ସମ୍ପାଦକ ଭାବେ ବାବୁଲାଲ ଖଣ୍ଡୁଆଳ ପୁନର୍ବାର ନିର୍ବାଚିତ ହୋଇଛନ୍ତି। ସେହିପରି କାର୍ଯ୍ୟକାରୀ ସଭାପତି ଭାବେ ବୀରେନ କୁମାର ପ୍ରଧାନ, ଉପସଭାପତି ଭାବେ ହାଡ଼ିବନ୍ଧୁ ସାହୁ, ଯୁଗ୍ମ ସାଧାରଣ ସମ୍ପାଦକ ଭାବେ ଅନିରୁଦ୍ଧ ପ୍ରଧାନ, ସହ ସମ୍ପାଦକ ଭାବେ ଲାଲଟୁ ବେହେରା, କୋଷାଧ୍ୟକ୍ଷ ଭାବେ ଟୁନା କୁମାର ସାହୁ ଓ ସଂଗଠନ ସମ୍ପାଦକ ଭାବେ ଉଜକିଶୋର ଦାସ ପ୍ରମୁଖ ନିର୍ବାଚିତ ହୋଇଛନ୍ତି। ଏହାସହ କାର୍ଯ୍ୟକାରୀ ସଦସ୍ୟ ଭାବେ ୨୭ ଜଣ ନିର୍ବାଚିତ ହୋଇଥିବାବେଳେ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଭାବେ ପ୍ରକାଶ ଚନ୍ଦ୍ର କୁଣ୍ଡ, ବିଏନ ମହାପାତ୍ର, ଭାଗୀରଥି ପ୍ରଧାନଙ୍କ ସମେତ ଏଚଏମଏସର ଅନ୍ୟ ସହଯୋଗୀ ୟୁନିଅନର ସଭାପତି ଓ ସାଧାରଣ ସମ୍ପାଦକଙ୍କୁ ମନୋନୀତ କରାଯାଇଛି। ବାର୍ଷିକ ନିର୍ବାଚନକୁ ଓଡ଼ିଶା ହିନ୍ଦ୍ ମଜଦୁର ସଭା କାର୍ଯ୍ୟକାରୀ ସଭାପତି ତଥା ରାଜ୍ୟ କାଉନସିଲ ସଭ୍ୟ ବୈଦ୍ୟନାଥ ଦାସ ପରିଚାଳନା କରିଥିବାବେଳେ ସମ୍ପାଦକ ବିଏନ ମହାପାତ୍ର ଓ କାର୍ଯ୍ୟକାରୀ ସଭ୍ୟ ପ୍ରକାଶ ଚନ୍ଦ୍ର କୁଣ୍ଡ ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇଥିଲେ। ନିର୍ବାଚନରେ ସଂଘର ସମସ୍ତ ସଦସ୍ୟ ଭାଗ ନେଇଥିଲେ। ନିର୍ବାଚନ କାର୍ଯ୍ୟବିଧି ପ୍ରସ୍ତୁତି ସଂଘର ଆଇନ ପରାମର୍ଶଦାତା ସଞ୍ଜୀବ କୁମାର ଗଡ଼ନାୟକ ଓ ରମେଶ ଚନ୍ଦ୍ର ସାହୁ ପ୍ରମୁଖ କରିଥିଲେ ବୋଲି ସାଧାରଣ ସମ୍ପାଦକ ବାବୁଲାଲ ଖଣ୍ଡୁଆଳ ଏକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ଜଣାଇଛନ୍ତି।

# ଅନୁଗୋଳ କଲେଜରେ ରକ୍ତଦାନ ଶିବିର

ଅନୁଗୋଳ,୧୧।୪(ସମିସ): ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଶୁକ୍ରବାର ରକ୍ତଦାନ ଶିବିର ଆୟୋଜିତ ହୋଇଛି। ଅନୁଗୋଳ ରକ୍ତଭଣ୍ଡାର ଅଧିକାରୀ ଏହାକୁ ଉଦଘାଟନ କରିବା ସହ ରକ୍ତଦାନ ମହାପୁଣ୍ୟ ବୋଲି କହିଥିଲେ। ଯୁବକଯୁବତୀମାନେ ବହୁ ସଂଖ୍ୟାରେ ରକ୍ତଦାନ ପାଇଁ ଆଗେଇ ଆସିବାକୁ ସେ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ। ଏନ୍‌ଏସ୍‌ଏସ ଅଧିକାରୀ ସୁଶାନ୍ତ କୁମାର ପ୍ରଧାନ ଏବଂ ରେଞ୍ଜର ଓ ରୋଭର୍ସ ଅଧିକାରୀ ଡ. ସତ୍ୟନାରାୟଣ ତ୍ରିପାଠୀ ଶିବିର ପରିଚାଳନା କରିଥିଲେ। କଲେଜ ଅଧ୍ୟକ୍ଷ ଡ. ବସନ୍ତ କୁମାର ସାହୁ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିବା ସହ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଏନ୍‌ସିସି ଅଧିକାରୀ ଡ. ସତ୍ୟନାରାୟଣ ବେହେରାଙ୍କ ନେତୃତ୍ୱରେ କ୍ୟାଡେଟ୍‌ମାନେ ସହଯୋଗ କରିବା ସହ ରକ୍ତଦାନ କରିଥିଲେ। ଶିବିରରୁ ମୋଟ ୬୦ ୟୁନିଟ ରକ୍ତ ସଂଗୃହୀତ ହୋଇଛି।



# କଣିହାଁରେ 'ପ୍ରବୋଧନ' ତାଲିମ ଉଦଯାପିତ



କଣିହାଁ,୧୧।୪(ସମିସ): ଓଡ଼ିଶା ପାଠ୍ୟକ୍ରମ ରୂପରେଖ-୨୦୨୫ ଓ ନୂତନ ପାଠ୍ୟପୁସ୍ତକ ସମ୍ପର୍କିତ 'ପ୍ରବୋଧନ' ତାଲିମ କାର୍ଯ୍ୟକ୍ରମ ସ୍ଥାନୀୟ ପିଏମଶ୍ରୀ ପବିତ୍ର ମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶୁକ୍ରବାର ଦିନ ଉଦଯାପିତ ହୋଇଛି। ଉଦଯାପନୀ ସଭାରେ କଣିହାଁ ବିଇଓ ପ୍ରିୟରଞ୍ଜନ ପ୍ରଧାନ, ଏବିଇଓ ତଥା ସିଆରସିସି ସୁଜନ କୁମାର ସାହୁ ଓ ପବିତ୍ର ମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ସିଦ୍ଧିପ୍ରସାଦ ସାହୁ ଯୋଗଦେଇ ତାଲିମ ଗ୍ରହଣ କରିଥିବା ୯୩ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ମାନପତ୍ର ପ୍ରଦାନ କରିଥିଲେ। ପାଞ୍ଚ ଦିନ ଧରି ଚାଲିଥିବା କାର୍ଯ୍ୟକ୍ରମରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୫୫ଟି ନୂତନ ପାଠ୍ୟପୁସ୍ତକର ନାମ ଓ ରୂପରେଖ, ପଞ୍ଚପଦୀ ଶିକ୍ଷଣ ପ୍ରକ୍ରିୟା-ଅଧୀତି, ବୋଧ, ଅଭ୍ୟାସ, ପ୍ରୟୋଗ, ପ୍ରସାର, ପଞ୍ଚକୋଷ ଯଥା ଅନ୍ନମୟ, ପ୍ରାଣମୟ, ମନୋମୟ, ବିଜ୍ଞାନମୟ, ଆନନ୍ଦମୟ କୋଷର ବିକାଶ ପ୍ରକ୍ରିୟା, ଭାଷା ଶିକ୍ଷା, ଗଣିତ, ବିଜ୍ଞାନ, ସାମାଜିକ, ସଂସ୍କୃତ, କଳା ଶିକ୍ଷା, ଯୋଗ ଓ କ୍ରୀଡ଼ା ଶିକ୍ଷା, ଧନ୍ଦାମୂଳକ ଶିକ୍ଷା ଆଦି ସମ୍ପର୍କରେ ରାଜ୍ୟ ସାଧନ କର୍ମୀ ଲିଙ୍ଗରାଜ ବେହେରା, ଅରୁଣ କୁମାର ସାହୁ ଓ ରାଜଲକ୍ଷ୍ମୀ ସାହୁ ତାଲିମ ପ୍ରଦାନ କରିଥିଲେ।

# ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ଉଦଘାଟିତ

କିଶୋରନଗର,୧୧।୪(ସମିସ): କିଶୋରନଗର ବିଜେପି ମଣ୍ଡଳ ପକ୍ଷରୁ ସ୍ଥାନୀୟ ସାଧୁପାଲସ୍ଥିତ କଲ୍ୟାଣ ମଣ୍ଡପରେ ଶନିବାର ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇଛି। ମଣ୍ଡଳ ସଭାପତି ଧନୁର୍ଜୟ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସଞ୍ଜୀବ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ବିଜେପି ସଭାପତି ଯଯାତି ପଟ୍ଟନାୟକ, ଜିଲ୍ଲା ଏସଟି ଉନ୍ନୟନ ଅଧ୍ୟକ୍ଷ ବଶିଷ୍ଠ ନାୟକ, ଜିଲ୍ଲା ସମ୍ପାଦକ ପ୍ରଦ୍ୟୁମ୍ନ ପଣ୍ଡା, ଜିଲ୍ଲା ପରିଷଦ ସଭ୍ୟ ଯଶୋବନ୍ତ ବେହେରା, କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ପ୍ରତିନିଧି ସରୋଜ ସାହୁ, ବିଜେପି ନେତା ପ୍ରକାଶ ମହାରଣା, ଅଜିତ ପ୍ରଧାନ, ରତ୍ନାକର ପ୍ରଧାନ ପ୍ରମୁଖ ଯୋଗଦେଇ ଶିବିରର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଶିବିରାର୍ଥୀଙ୍କୁ ଅତିଥିମାନେ ସଙ୍କଳ୍ପପତ୍ର ପାଠ କରାଇଥିଲେ। ଚିକୁନ ବିଶ୍ୱାଳ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସେହିପରି ନାକଚି ମଣ୍ଡଳ ପକ୍ଷରୁ ମଣ୍ଡଳ ସଭାପତି ସଞ୍ଜୀବ ପାତ୍ରଙ୍କ ଅଧ୍ୟକ୍ଷତାରେ ସଞ୍ଜାମୁରାଠାରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସଞ୍ଜୀବ ସାହୁ ଯୋଗଦେଇଥିଲେ।



# ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ



କଣିହାଁ,୧୧।୪(ସମିସ): କଣିହାଁ ବ୍ଲକ କାର୍ଯ୍ୟାଳୟ ପରିସର ପବିତ୍ର ମୋହନ ସଭାଗୃହରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଶୁକ୍ରବାର ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ତାଳଚେର ବିଧାୟକଙ୍କ ପ୍ରତିନିଧି ସୁନୀଲ ପ୍ରଧାନ, ପାଲଲହଡ଼ା ବିଧାୟକଙ୍କ ପ୍ରତିନିଧି ପହ୍ଲାଦ ସାମଲ, କଣିହାଁ ପଞ୍ଚାୟତ ସମିତି ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ବିଡିଓ ତ୍ରିବିକ୍ରମ କୁମୁରା, ଏବିଡିଓ ସୁତିକ୍ଷ୍ଣା ମହାପାତ୍ର ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପରେ କଳାକାରଙ୍କ ଦ୍ୱାରା ବିଭିନ୍ନ କଳା ପ୍ରଦର୍ଶନ କରାଯାଇଥିଲା। ଉତ୍ତରୀୟ ଏବଂ ମାନପତ୍ର ଦେଇ ସମସ୍ତ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଏଡିଇଓ, କାର୍ଯ୍ୟକାରୀ ସାମାଜିକ ସୁରକ୍ଷା ଅଧିକାରୀ ଟୁକୁନା ବେହେରାଙ୍କ ସମେତ ବ୍ଲକର ସମସ୍ତ ବିଭାଗର ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ।

# ୧୬ ବର୍ଷରୁ କମ୍ ଆନ୍ତଃ ଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ



ଅନୁଗୋଳ,୧୧।୪(ସମିସ): ଓଡ଼ିଶା କ୍ରିକେଟ ଆସୋସିଏସନ୍ (ଓସିଏ) ଦ୍ୱାରା ଆୟୋଜିତ ୧୬ ବର୍ଷରୁ କମ୍ ଆନ୍ତଃ ଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଶନିବାର ଅନୁଷ୍ଠିତ ମ୍ୟାଚ୍‌ରେ ଅନୁଗୋଳ ଗଞ୍ଜାମକୁ ହରାଇଛି। ଅନୁଗୋଳ ନିର୍ଦ୍ଧାରିତ ୫୦ ଓଭରରେ ୬ ୱିକେଟ ହରାଇ ୨୩୮ ରନ୍ କରିଥିଲା। ଓପନିଂ ବ୍ୟାଟର ଅଖିଳ ପ୍ରଧାନ ୧୧୨ ରନ୍ କରି ଅପରାଜିତ ଥିଲେ। ଜବାବରେ ଗଞ୍ଜାମ ୪୪ ଓଭରରେ ୨୦୨ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଟୁର୍ଣ୍ଣାମେଣ୍ଟରେ ଅନୁଗୋଳର ଏହା ଦ୍ୱିତୀୟ ବିଜୟ।

# ବାଇକ୍‌କୁ ଧକ୍କାଦେଲା ପିକ୍‌ଅପ୍ ଭ୍ୟାନ; ଦୁଇ ଗୁରୁତର

ପାଲଲହଡ଼ା,୧୧।୪(ସମିସ): ୪୯ ନମ୍ବର ଜାତୀୟ ରାଜପଥର ପାଲଲହଡ଼ା ଥାନା ସିଗଡ଼ ଛକ ନିକଟରେ ବାଇକକୁ ପିକଅପ ଭ୍ୟାନ ଧକ୍କା ଦେବାରୁ ଦୁଇ ବାଇକ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ବାରକୋଟ କେସନପୁର ଗାଁର ସଞ୍ଜୟ ପ୍ରଧାନ (୩୮) ଓ ଗୁରୁସଙ୍ଗର ଶ୍ୟାମ ସାହୁ। ଉଭୟଙ୍କୁ ପାଲଲହଡ଼ା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଶନିବାର ସନ୍ଧ୍ୟାରେ ଏକ ବାଇକ ଯୋଗେ ସଞ୍ଜୟ ଓ ଶ୍ୟାମ ଯାଉଥିବା ବେଳେ ପଛରୁ ଆସୁଥିବା ଏକ ପିକଅପ ଭ୍ୟାନ ସେମାନଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ପିକଅପକୁ ଜବତ କରିବା ସହ ଚାଳକଙ୍କୁ ଥାନାକୁ ନେଇ ତଦନ୍ତ ଚଳାଇଛି।

**● ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅଘଟଣ**

# ଶବଗୃହ ପାଚେରି ଭୁଶୁଡ଼ି ୨ ଶ୍ରମିକ ଆହତ

ଅନୁଗୋଳ,୧୧।୪(ସମିସ): ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଶନିବାର ଅପରାହ୍ନ ୩ଟାରେ ଏକ ଅଘଟଣ ଘଟିଛି। ଶବଗୃହ ନିକଟରେ ଡ୍ରେନ୍ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ପାଚେରି ଭୁଶୁଡ଼ି ପଡ଼ିବାରୁ ଦୁଇ ଶ୍ରମିକ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ବନ୍ତଳା ଥାନା ନୂଆକ୍ଷେତା ଗ୍ରାମର କେଶବ ଭୋଇ ଏବଂ ଅନୁଗୋଳ ସହର ରାଧାରମଣପଡ଼ାର ପ୍ରେମାନନ୍ଦ ରାଉତ। ସେଠାରେ ଉପସ୍ଥିତ ମେଡିକାଲ କର୍ମଚାରୀ ଓ ଅନ୍ୟମାନେ ସେମାନଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଛନ୍ତି। ତେବେ ମାତ୍ର କେଇ ବର୍ଷ ତଳେ ନିର୍ମିତ ଏହି ପାଚେରି ଏଭଳି ଭୁଶୁଡ଼ି ପଡ଼ିବା ପଛରେ ନିମ୍ନମାନର କାର୍ଯ୍ୟ ହୋଇଥିବା ସାଧାରଣରେ ଅଭିଯୋଗ ହୋଇଛି।

## ମଲ୍ଲିକାର୍ଜୁନ ଖଡଗେଙ୍କ ପ୍ରତି ଆସାମ ମୁଖ୍ୟମନ୍ତ୍ରୀଙ୍କ ଅପମାନ ସୂଚକ ମନ୍ତବ୍ୟ

# କଂଗ୍ରେସର ବିକ୍ଷୋଭ ଓ କୁଶପୁତ୍ତଳିକା ଦାହ

ଅନୁଗୋଳ,୧୧।୪(ସମିସ):

କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେଙ୍କ ପ୍ରତି ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ଅପମାନ ସୂଚକ ମନ୍ତବ୍ୟ ପ୍ରତିବାଦରେ ଅନୁଗୋଳ ଜିଲ୍ଲା କଂଗ୍ରେସ ପକ୍ଷରୁ ଶନିବାର ସନ୍ଧ୍ୟାରେ ଜିଲ୍ଲା ସଭାପତି ସୁନୀଲ କୁମାର ପ୍ରଧାନଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ହିମନ୍ତଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ସ୍ଥାନୀୟ କଂଗ୍ରେସ ଭବନରୁ ଶତାଧିକ କର୍ମକର୍ତ୍ତା ଶୋଭାଯାତ୍ରାରେ ବାହାରି ବଜାର ଛକରେ ପହଞ୍ଚିଥିଲେ। ସେଠାରେ ବିଜେପି ସରକାର ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଆସାମ ମୁଖ୍ୟମନ୍ତ୍ରୀ ନିଜ ଆତ୍ମଗର୍ବକୁ ଲୋକଙ୍କ ଆଗରେ ପରିପ୍ରକାଶ କରିବାକୁ ଯାଇ ହିତାହିତ ଜ୍ଞାନ ହରାଇ ବସିଛନ୍ତି। ସେ କେତେବେଳେ କାହାକୁ କ'ଣ କହୁଛନ୍ତି, ତାହା ଜାଣିପାରୁ ନାହାନ୍ତି। ଭାରତୀୟ ରାଜନୀତିରେ ଜଣେ ସର୍ବମାନ୍ୟ ତଥା ତାଙ୍କ ପିତା ସଦୃଶ ବ୍ୟକ୍ତି ମଲ୍ଲିକାର୍ଜୁନ ଖଡଗେଙ୍କ ପ୍ରତି ନିଜ ଔଧତ୍ୟ ପ୍ରକାଶ କରି ତାଙ୍କୁ ଅପମାନ ସୂଚକ ଶବ୍ଦ ପ୍ରୟୋଗ କରିବା ଗଣତନ୍ତ୍ର ପ୍ରତି ପ୍ରତ୍ୟକ୍ଷ ଅପମାନ। ତାଙ୍କର ଏତାଦୃଶ ବ୍ୟବହାରକୁ ସାରା ଭାରତବର୍ଷରେ ବିରୋଧ କରାଯାଇଛି ବୋଲି କଂଗ୍ରେସ ନେତାମାନେ କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ଉମେଶ ଚନ୍ଦ୍ର ସାହୁ, ଗୋପାଳ ଚନ୍ଦ୍ର ନାଥ, ବଳବୀର ସିଂହ, ଚିତ୍ତରଞ୍ଜନ ନାଏକ, ଅମୂଲ୍ୟ ବେହେରା, ବିନୋଦ ମାଝୀ, ରାକେଶ ମିଶ୍ର, ସୁଦୀପ ମିଶ୍ର, ସଞ୍ଜୀବ ମାଣ୍ଡୋଠିଆ, ରଶ୍ମିରଞ୍ଜନ ସାହୁ, ଅଳକାରାଣୀ ମହାପାତ୍ର, ଅଳକା ମହାନ୍ତି, ମାନିନୀ ପ୍ରଧାନ, ଲିଲି ବେହେରା, ଅରୂପ ସାମଲ, ଚୌଧୁରୀ ନାଏକ, ଅଶୋକ ନାଏକ, ଅରୁଣ ଦାସ, ଅବିନାଶ ଦଳବେହେରା, ମନୋଜ ସାହୁ, ଜଗନ୍ନାଥ ବେହେରା, ଲଳିତ ରାଉତ ପ୍ରମୁଖ ଶତାଧିକ ନେତା ଓ କର୍ମୀ ସାମିଲ ହୋଇଥିଲେ।



## ବ୍ଲକ୍ କାର୍ଯ୍ୟାଳୟରୁ କଢ଼ାଗଲା ଜାତୀୟ ପତାକା

**ସକାଳ ପ୍ରଭାବ**

ମହାକାଳପଡ଼ା,୧୧।୪(ସମିସ): ଖୋଦ୍ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଚିରା ଜାତୀୟ ପତାକା ଉଡୁଥିବା ଦେଖିବାକୁ ମିଳିଥିଲା। ସରକାରୀ କାର୍ଯ୍ୟାଳୟରେ ଜାତୀୟ ପତାକାକୁ ଅସମ୍ମାନ ନେଇ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଏ ନେଇ ଦୈନିକ ଖବରକାଗଜ 'ସକାଳ'ରେ ଖବର ପ୍ରକାଶ ପରେ ପ୍ରଶାସନ ପକ୍ଷରୁ ପତାକାକୁ କାଢି ଦିଆଯାଇଛି। ମହାକାଳପଡ଼ା ବ୍ଲକ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତ ପ୍ରତିନିଧିଙ୍କ ପାଇଁ ଥିବା ପ୍ରତୀକ୍ଷା ଭବନ ଉପରେ ଏକ ଚିରା ଜାତୀୟ ପତାକା ଉଡୁଥିଲା। ପତାକାର ନିମ୍ନଭାଗର କିଛି ଅଂଶ ଛିଡି ଓହଳିଥିବାବେଳେ କିଛି ଅଂଶରେ ସିଲାଇ ଖୋଲିଯାଇଥିବା ଦେଖିବାକୁ ମିଳିଥିଲା। କେବଳ ସେତିକି ନୁହେଁ ଆବଶ୍ୟକ ଅନୁଯାୟୀ ଉଚ୍ଚତାରେ ରଖା ନ ଯିବା ଫଳରେ ପତାକାର ନିମ୍ନ ଭାଗ ଛାତ ଓ କାନ୍ଥରେ ଘଷି ହେଉଥିଲା। ଯାହାକୁ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ଦେଖାଦେଇଥିଲା। ପୂର୍ବତନ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କ ଉଦ୍ୟମରେ ଏହି ଜାତୀୟ ପତାକାକୁ ସ୍ଥାନିତ କରାଯାଇଥିଲା। ଜାତୀୟ ପତାକା ପ୍ରତି ଏଭଳି ଚରମ ଅବହେଳାକୁ ସାଧାରଣରେ ନିନ୍ଦା କରାଯିବା ସହ ତତ୍କାଳ ପତାକାକୁ ପରିବର୍ତ୍ତନ କରିବା ଓ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଥିଲା। ଏ ନେଇ ମାର୍ଚ୍ଚ ୨୬ ତାରିଖରେ 'ସକାଳ'ରେ ଖବର ପ୍ରକାଶ ପରେ ପ୍ରଶାସନ ପକ୍ଷରୁ ଚିରା ଜାତୀୟ ପତାକାକୁ ହଟାଇ ଦିଆଯାଇଥିବା ଦେଖିବାକୁ ମିଳିଛି।

## ଜିଲ୍ଲା ପରିଷଦ ସଭାପତିଙ୍କୁ ଧମକ ଓ ଜାତିଆଣ ଆକ୍ଷେପ

# ଅଭିଯୁକ୍ତ ଗିରଫ, ଜାମିନ ନାମଞ୍ଜୁର

କେନ୍ଦ୍ରାପଡ଼ା,୧୧।୪(ସମିସ)

କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ସଭାପତି ସୁଶ୍ରୀ ଲିଲିତା ଦାସଙ୍କୁ ଧମକ ଦେବା ସହ ଜାତିଆଣ ଆକ୍ଷେପ କରି ଗାଳିଗୁଲଜ କରିବା ଘଟଣାରେ କେନ୍ଦ୍ରାପଡା ଟାଉନ ଥାନା ପୁଲିସ ବଣିଆମାଳ ଗ୍ରାମର ନିଳାଦ୍ରୀ ଭୂଷଣ ତ୍ରିପାଠୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ବାରିମୂଳସ୍ଥ ଉପକାରାଗାରକୁ ପଠାଇ ଦିଆଯାଇଛି।



ପୁଲିସ ସୂଚନା ମୁତାବକ, ଏକ ଖବରକାଗଜରେ ସଭାପତିଙ୍କ ଫଟୋ ସହିତ ସମ୍ମାନହାନୀ ସୂଚକ ଖବର ପ୍ରକାଶ ପାଇଥିଲା। ଏହାକୁ ନେଇ ସଭାପତି ସମ୍ପୃକ୍ତ ସମ୍ପାଦକଙ୍କୁ ପଚାରିବାବେଳେ ଅଭିଯୁକ୍ତ ତାଙ୍କୁ ଧମକ ଦେବା ସହ ଜାତିଆଣ ଆକ୍ଷେପ କରି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଛି। ଏନେଇ ସୁଶ୍ରୀ ଦାସ ଗତ ମାର୍ଚ୍ଚ ୧୩ ତାରିଖରେ କେନ୍ଦ୍ରାପଡା ଟାଉନ ଥାନାରେ ଲିଖିତ ଅଭିଯୋଗ ଦାଖଲ କରିଥିଲେ। ଅଭିଯୋଗ ଆଧାରରେ ଟାଉନ ଥାନା ପୁଲିସ ଥାନା କେସ ନମ୍ବର ୬୦/୨୦୨୬ରେ ଭାରତୀୟ ନ୍ୟାୟ ସଂହିତାର ଧାରା ୨୯୬, ୩୫୬, ୩୫୧(୨) ସହିତ ଏସସି/ଏସଟି ଆଇନର ଧାରା ୩(ଆଇ)(ଆର), ୨(ଭିଏ) ଅନୁସାରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପରେ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟରେ ଚାଲାଣ କରିଥିଲା। କୋର୍ଟ ଅଭିଯୁକ୍ତଙ୍କ ଜାମିନ ଆବେଦନକୁ ନାମଞ୍ଜୁର କରିବା ପରେ ତାଙ୍କୁ କେନ୍ଦ୍ରାପଡା ଉପକାରାଗାରକୁ ପଠାଇ ଦିଆଯାଇଛି। ନିଳାଦ୍ରୀ ଭୂଷଣ ତ୍ରିପାଠୀଙ୍କ ବିରୋଧରେ ପୂର୍ବରୁ ମଧ୍ୟ ବିଭିନ୍ନ ଜନପ୍ରତିନିଧି, ସରକାରୀ ଅଧିକାରୀ ଓ ରାଜନୈତିକ କର୍ମୀଙ୍କ ନାମରେ ମିଥ୍ୟା ଓ ସମ୍ମାନହାନୀ ସୂଚକ ଖବର ପ୍ରକାଶ କରି ବ୍ଲାକମେଲିଂ କରିବା ଅଭିଯୋଗ ଥିବା ସୂଚନା ମିଳିଛି। ଜିଲ୍ଲାର ବିଭିନ୍ନ ଥାନାରେ ମଧ୍ୟ ତାଙ୍କ ବିରୋଧରେ ପୂର୍ବରୁ ଅଭିଯୋଗ ହୋଇଥିବା କୁହାଯାଉଛି। ଏହି ଘଟଣା ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଥିବାବେଳେ ଜଣେ ମହିଳା ଜନପ୍ରତିନିଧିଙ୍କୁ ଏଭଳି ବ୍ୟବହାର ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

### ଶିକ୍ଷା ବିଭାଗର ଅବହେଳା

## ଛାତ୍ରଛାତ୍ରୀ ଆଦର୍ଶ ବିଦ୍ୟାଳୟରେ ନାମଲେଖାରୁ ବଞ୍ଚିତ

**ଜିଲ୍ଲାପାଳଙ୍କୁ ଅଭିଭାବକଙ୍କ ଦାବିପତ୍ର**

ପଞ୍ଚୁପାଣ୍ଡବ,୧୧।୪(ସମିସ): ଡେରାବିଶ ବ୍ଲକ ଶିକ୍ଷା ବିଭାଗ ଅବହେଳା ଯୋଗୁଁ ଛାତ୍ରଛାତ୍ରୀଙ୍କ ସହ ଅଭିଭାବକ ବିଭିନ୍ନ ସମସ୍ୟାରେ ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ସରକାର ସରକାରୀ ବିଦ୍ୟାଳୟର ଉନ୍ନତି ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ପିଲାମାନେ ଭଲ ପାଠ ପଢି ସର୍ବାଧିକ ନମ୍ବର ରଖିଲେ ଭଲ ବିଦ୍ୟାଳୟରେ ପଢି ଭଲ ମଣିଷ ହେବ। ତେବେ କେତେକ ପିଲା କମ୍ ନମ୍ବର ରଖି କିଛି ପ୍ରଶାସନ ଅଧିକାରୀ ଓ ବିଧାୟକଙ୍କ କୋଟାରେ ଆଦର୍ଶ ବିଦ୍ୟାଳୟରେ ନାମ ଲେଖୁଥିବା ଜଣାପଡ଼ିଛି। କିନ୍ତୁ ସର୍ବାଧିକ ନମ୍ବର ରଖି ଛାତ୍ରଛାତ୍ରୀ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ଓ ମଣ୍ଡଳ ଶିକ୍ଷାଧିକାରୀ କେଉଁ ବିଦ୍ୟାଳୟ କେମିତି ଚାଲିଛି, କୌଣସି ତଦାରଖ ନ କରି ଖାତା କଲମରେ ବିଦ୍ୟାଳୟକୁ ଚଳାଉଥିବା ଅଭିଯୋଗ ହେଉଛି। ଶିକ୍ଷା ବିଭାଗର ଅବହେଳା ଯୋଗୁଁ ପରୀକ୍ଷାରେ ସଫଳତା ହାସଲ କରିଥିବାବେଳେ ଆଗକୁ ଏକ ଭଲ ବିଦ୍ୟାଳୟରେ ନାମ ଲେଖାରୁ ଛାତ୍ରଛାତ୍ରୀ ବଞ୍ଚିତ ହେଉଛନ୍ତି। ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ କଂସାରୀପାଟଣା ଗ୍ରାମର ସପନ ମହାପାତ୍ରଙ୍କ ପୁଅ ଓମ୍ ପ୍ରକାଶ ମହାପାତ୍ର (୧୦)ଙ୍କ କ୍ଷେତ୍ରରେ ଏହା ଦେଖିବାକୁ ମିଳିଛି। ସେ କୁରୁଜଙ୍ଗା ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ନାମ ଲେଖାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଓମ୍ ପ୍ରକାଶ ଚାଟରାଚକଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପାଠ ପଢୁଥିଲେ। କୁରୁଜଙ୍ଗା ଆଦର୍ଶ ବିଦ୍ୟାଳୟରେ ପଢିବାକୁ ପ୍ରବେଶିକା ପରୀକ୍ଷା ଦେଇ ୬୦ରୁ ୪୨ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିଲେ। ଆଦର୍ଶ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ନାମ ଲେଖିବା ପାଇଁ ସିଓଆର୍ (ସାର୍ଟିଫିକେଟ ଅଫ୍ ରେକଗନିସନ୍) ନ ଥିବାରୁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର କର୍ତ୍ତୃପକ୍ଷ ଆଜି କାଲି କହି ଦିନ ଗଡ଼ାଉଥିବାରୁ ନାମ ଲେଖାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ଶୁକ୍ରବାର ଦିନ ଜିଲ୍ଲାପାଳ ରଘୁରାମ ଆର୍ ଆୟାରଙ୍କୁ ଛାତ୍ରଙ୍କ ବାପା ସପନ ମହାପାତ୍ର ଅଭିଯୋଗ କରିଛନ୍ତି। ଏଭଳି ଅନେକ ଛାତ୍ରଛାତ୍ରୀ ଏହି ବିଦ୍ୟାଳୟରେ ପାଠପଢି ଅନ୍ୟ ବିଦ୍ୟାଳୟରେ ନାମ ଲେଖିବା ପାଇଁ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଆଦର୍ଶ ବିଦ୍ୟାଳୟରେ ନାମ ଲେଖାରୁ ବଞ୍ଚିତ ହୋଇଥିବା ଛାତ୍ରଛାତ୍ରୀଙ୍କ ସମସ୍ୟା ସମାଧାନ କରିବା ପାଇଁ ଅଭିଭାବକ ଦାବି କରିଛନ୍ତି। ଏ ବିଷୟରେ ଜିଲ୍ଲାପାଳ ଆୟାର ଜିଲ୍ଲା ଶିକ୍ଷାଧିକାରୀଙ୍କୁ ତତ୍କାଳ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

## ବେଆଇନ ଚିଙ୍ଗୁଡ଼ି ଘେରି ଉଚ୍ଛେଦ ଦାବି

ରାଜନଗର,୧୧।୪(ସମିସ): ଭିତରକନିକା ଅଭୟାରଣ୍ୟ ଅଞ୍ଚଳରେ ଦିନକୁ ଦିନ ବୃଦ୍ଧି ପାଉଥିବା ବେଆଇନ ଚିଙ୍ଗୁଡ଼ି ଘେରି ଯୋଗୁଁ ବିଶ୍ୱ ପ୍ରସିଦ୍ଧ ଭିତରକନିକାର ଜୈବ ବିବିଧତା ନଷ୍ଟ ହେଉଛି। ସିଆରଜେଡ ଆଇନ ଅନୁଯାୟୀ ନଦୀ ଓ ସମୁଦ୍ରର ଜୁଆର ମାଡୁଥିବା ସ୍ଥାନର ୫୦୦ ମିଟର ମଧ୍ୟରେ ଚିଙ୍ଗୁଡି ଘେରି ରହିପାରିବନାହିଁ। ମାତ୍ର ଉକ୍ତ ଅଞ୍ଚଳ ମଧ୍ୟରେ ଶତାଧିକ ଘେରି ରହିଛି। ଭିତରକନିକା ଜାତୀୟ ଉଦ୍ୟାନକୁ ଲାଗି ମଧ୍ୟ ଅନେକ ବେଆଇନ ଚିଙ୍ଗୁଡି ଘେରି ଗଢି ଉଠିଛି। ଘେରି ଗୁଡ଼ିକ କେଉଁଠି ରହିଛି ବନବିଭାଗ ପକ୍ଷରୁ ଡିଜିଟାଲ ଫସଲ ସର୍ଭେ ଭଳି ପଦ୍ଧତି ଅବଲମ୍ବନ କରି ଚିହ୍ନଟ କରାଯିବା ସହିତ ସେଗୁଡିକୁ ଉଚ୍ଛେଦ କରାଯାଉ। ଏହି ଘେରି ଉଚ୍ଛେଦ ବେଳେ କୌଣସି ଚାପ ଓ ଟାଳଟୁଳ ନୀତି ଅବଲମ୍ବନ କରା ନ ଯାଉ ବୋଲି ସିନ୍ଧୁକା ଫାଉଣ୍ଡେସନର ସୋନାଶିଷ ଜେନା, ବିକ୍ରମ ବିଶ୍ୱାଳ, ରଶ୍ମିରଞ୍ଜନ ସେଠୀ, ସୁନୀଲ ରାଉତ ପ୍ରମୁଖ ବନଖଣ୍ଡ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

## ନରସିଂହପୁର ଗ୍ରାମରେ ଲୋକକଳା ଦିବସ

ଡେରାବିଶ, ୧୧।୪(ସମିସ): ଓଡ଼ିଆ ପକ୍ଷ ପାଳନ ଅବସରରେ ନରସିଂହପୁର ଗ୍ରାମରେ ଜିଲ୍ଲାସ୍ତରୀୟ ଲୋକକଳା ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ରଘୁରାମ ଆର ଆୟାର, ମୁଖ୍ୟବକ୍ତା ଡେରାବିଶ ମଣ୍ଡଳ ଉନ୍ନୟନ ଅଧିକାରୀ ନମିତା ବାରିକ, ସମ୍ମାନିତ ଅତିଥି ଜିଲ୍ଲା ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂ ଓ ଏବିଇଓ ଦେବଦତ୍ତ ଶତପଥୀ ଯୋଗଦେଇ ଓଡ଼ିଶାର ଲୋକକଳା ସାରା ପୃଥିବୀରେ ଅଦ୍ୱିତୀୟ ବୋଲି କହିଥିଲେ। ଏଥିସହିତ ଏହି ଗ୍ରାମରେ ବିଭିନ୍ନ ଲୋକକଳାରେ ନିପୁଣ ଥିବା ବହୁ କାଳାକାର ରହିଥିବା ପ୍ରକାଶ କରିଥିଲେ। ଏ ଅବସରରେ ଅତିଥିମାନେ ସ୍ଥାନୀୟ କଳାକାରଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଦାନପୁରର ସମିତିସଭ୍ୟା ପ୍ରିୟତମା ଦାଶ, ସାଂସଦଙ୍କ ପ୍ରତିନିଧି ମନୀଷା ପଣ୍ଡା, ନରସିଂହପୁର ଗ୍ରାମ କଳାକାର ସଂଘର ଯଶୋବନ୍ତ ନାରାୟଣ ପଣ୍ଡା ଓ ପ୍ରକୃତିବନ୍ଧୁ ଜେନାମଣି ବଳ ମଞ୍ଚାସୀନ



ହୋଇ ବିଲୁପ୍ତପ୍ରାୟ ଲୋକକଳାକୁ ବଞ୍ଚାଇ ରଖିଥିବା ଏହି ଜିଲ୍ଲାର ଲୋକକଳା ଗ୍ରାମ ନରସିଂହପୁର ଆରମ୍ଭରେ ଏକ ଲୋକକଳା ତୋରଣ ନିର୍ମାଣ ପାଇଁ ଦାବି କରିଥିଲେ। ପୂର୍ବତନ ସରପଞ୍ଚ ଉମେଶ ତ୍ରିପାଠୀ ଅତିଥି ପରିଚୟ, ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଡେରାବିଶ କଳାକାର ସଂଘ ସଭାପତି ନିରାକାର ମହାରଣା କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଦୁର୍ଗାମାଧବ ପଣ୍ଡା ବେଦପାଠ କରିଥିଲେ।

## ଡିଏଫ୍ଓଙ୍କ ହୃଦ୍‌ଘାତରେ ମୃତ୍ୟୁ

ରାଜକନିକା,୧୧।୪(ସମିସ): ଅଫିସରେ ବସି କାମ କରୁଥିବାବେଳେ ଭଦ୍ରକ ଡିଏଫଓଙ୍କ ମୃତ୍ୟୁ ଖବର ସମସ୍ତଙ୍କୁ ସ୍ତମ୍ଭୀଭୂତ କରିଛି। ମୃତ ଡିଏଫଓ ଜଣକ ରାଜକନିକା ବରୁଣାଡିହା ଗ୍ରାମର ସୌଭାଗ୍ୟ କୁମାର ସାହୁ (୫୯)। ସେ ଗତ ଦୁଇବର୍ଷ ଧରି ଭଦ୍ରକ ଜିଲ୍ଲା ବନଖଣ୍ଡ ଅଧିକାରୀ



ଭାବେ କାର୍ଯ୍ୟରତ ଥିଲେ। ଭଦ୍ରକ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଦାୟିତ୍ୱ ସମ୍ପନ୍ନ ବନଖଣ୍ଡ ଅଧିକାରୀ ଭାବେ ଆଜି ଅଫିସରେ କାମ କରୁଥିବାବେଳେ ଟଳି ପଡ଼ିଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ସ୍ଥାନୀୟ ଚାନ୍ଦବାଲି ମେଡିକାଲକୁ ନିଆଯାଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆଜି ଅପରାହ୍ନରେ ତାଙ୍କ ମରଶରୀର ଜନ୍ମମାଟି ବରୁଣାଡିହା ଆଣିବା ପରେ ଗାଁ ପରିକ୍ରମା କରିବା, ଶହ ଶହ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ। ଶୋଭାଯାତ୍ରାରେ ବାଲେଶ୍ୱର ବନାଞ୍ଚଳ, ଭଦ୍ରକ ବନାଞ୍ଚଳ ଓ ରାଜନଗର ବନାଞ୍ଚଳ ଅଧିକାରୀ ସାମିଲ ହୋଇଥିବାବେଳେ ବରୁଣାଡିହା ସମିତି ସଭ୍ୟା ଲକ୍ଷ୍ମୀପ୍ରିୟା ନାୟକ, ପତ୍ନୀ ନିହାରିକା, ଝିଅ ମୋନାଲିସା ଓ ପୁଅ ରୋମିତ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

## ବାଲି ବୋଝେଇ ହାଇୱା ଜବତ

ଡେରାବିଶ,୧୧।୪(ସମିସ): ବେଆଇନ ବାଲି ଚାଲାଣ କରୁଥିବା ଏକ ହାଇୱାକୁ ଆଜି ଡେରାବିଶ ତହସିଲଦାର ସରୋଜକାନ୍ତ ନାୟକ ଜବତ କରିଛନ୍ତି।



ଲୁଣାନଦୀର ଅର୍ତାମୂଳ ବାଲି ଘାଟରୁ ବେଆଇନ ଭାବେ ବାଲି ଚାଲାଣ ହେଉଥିବା ଅଭିଯୋଗ ହୋଇଆସୁଥିଲା। ଘାଟରୁ ବାଲି ଚାଲାଣ କରୁଥିବା ହାଇୱା ଓ ଟ୍ରାକ୍ଟରକୁ ଘାଟ ନିଲାମଧାରୀ ଟ୍ରାଞ୍ଜିଟ୍ ପାସ୍ ପ୍ରଦାନ କରୁ ନ ଥିଲେ। ଏହି ଘାଟରୁ ରାତିସାରା ଶହଶହ ହାଇୱା ଓ ଟ୍ରାକ୍ଟର ବାଲି ଚାଲାଣ କରୁଥିବାବେଳେ ଗୋଟିଏ ବି ଗାଡ଼ିକୁ ଟ୍ରାଞ୍ଜିଟ୍ ପାସ୍ ପ୍ରଦାନ କରୁ ନ ଥିଲେ। ଆଜି ଡେରାବିଶ ତହସିଲଦାର ଅଚାନକ ଅର୍ତାମୂଳ ବାଲି ଘାଟରୁ ବାଲି ବୋଝେଇ କରି ଆସୁଥିବା ଏକ ହାଇୱାକୁ ଖରିଦାସାହି ଛକରେ ଅଟକାଇ ଯାଞ୍ଚ କରିବାରୁ କୌଣସି ବୈଧ କାଗଜପତ୍ର ନ ଥିବା ଜାଣିବାକୁ ପାଇଥିଲେ। ପରେ ହାଇୱାକୁ ଜବତ କରି ଚାନ୍ଦୋଳ ଫାଣ୍ଡି ଜିମା ଦେଇଥିବା ଜଣାଯାଇଛି।

## ଟଙ୍କା ହିସାବକୁ ନେଇ ମହିଳା ଗୋଷ୍ଠୀଙ୍କ ମଧ୍ୟରେ ମାର୍‌ପିଟ ଅଭିଯୋଗ

ପଞ୍ଚୁପାଣ୍ଡବ,୧୧।୪(ସମିସ): ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ବେଲାରପୁର ଗ୍ରାମରେ ଦୀର୍ଘଦିନ ଧରି ମିଶନ ଶକ୍ତିର ସ୍ୱୟଂସହାୟିକା ମହିଳା ଗୋଷ୍ଠୀରେ ବାଦବିବାଦ ଲାଗି ରହିଥିବାବେଳେ ଏବେ ଡେରାବିଶ ଥାନାରେ ଦୁଇଟି ଅଭିଯୋଗ ହୋଇଥିବା ଜଣାପଡ଼ିଛି। ଶୁକ୍ରବାର ଦିନ ବାବା ଅରକ୍ଷିତ ଦାସ ଗୋଷ୍ଠୀର ସଦସ୍ୟ ଗୁରୁ ମଲିକ ଓ ଅନ୍ୟ ସଦସ୍ୟ ସେକ୍ରେଟାରୀ ମାନସୀ ମଲିକଙ୍କ ଘରକୁ ଗୋଷ୍ଠୀର ଟଙ୍କା ହିସାବ ପତ୍ର କରିବାକୁ ଯାଇଥିଲେ। ସେ ସମୟରେ ସେକ୍ରେଟାରୀ ମାନସୀଙ୍କ ସ୍ୱାମୀ ବିଜୟ ମଲିକ ହଠାତ୍ ଉତ୍‌କ୍ଷିପ୍ତ ହୋଇ ଗାଳିଗୁଲଜ୍ କରିବା ସହ ଫାଉଣ୍ଡା ବେଣ୍ଟ ସାହାଯ୍ୟରେ ଗୁରୁ ମଲିକଙ୍କ ମୁଣ୍ଡକୁ ପିଟିଥିବା ଅଭିଯୋଗ ହୋଇଛି। ତାଙ୍କ ସାଙ୍ଗରେ ଯାଇଥିବା ସଦସ୍ୟା ଜୟନ୍ତୀ, ଶଶିରେଖା ଓ ଗୀତା ମଲିକଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏହି ମହିଳା ଗ୍ରୁପ୍‌ରେ ଟଙ୍କା କାରବାରକୁ ନେଇ ଆଗରୁ ଥାନାରେ ଅଭିଯୋଗ ହୋଇଥିଲା। ବ୍ଲକ୍‌ରେ ଥିବା ପଦାଧିକାରୀ ଦୁଇ ପକ୍ଷଙ୍କୁ ବସାଇ ସମାଧାନ କରିଥିଲେ। ଏବେ ପୁଣି ଟଙ୍କା କାରବାରକୁ ନେଇ ମାର୍‌ପିଟ ହୋଇଛି।

## ସମାଜସେବୀ ଭିକାରୀ ବିଶ୍ୱାଳଙ୍କ ଶ୍ରାଦ୍ଧବାର୍ଷିକୀ

ପଟ୍ଟାମୁଣ୍ଡାଇ,୧୧।୪(ସମିସ): ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳ ବିକାଶରେ ସମାଜସେବୀ ଭିକାରୀ ଚରଣ ବିଶ୍ୱାଳଙ୍କ ସଂଗ୍ରାମ ଚିରକାଳ ଅବିସ୍ମରଣୀୟ ହୋଇ ରହିବ ବୋଲି ତାଙ୍କ ୧୦ମ ଶ୍ରାଦ୍ଧବାର୍ଷିକୀ ଅବସରରେ ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ତରଡ଼ିପାଳଠାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ବିଶିଷ୍ଟ ବ୍ୟକ୍ତିମାନେ ପ୍ରକାଶ କରିଛନ୍ତି। ଇଂ ସରୋଜ ବିଶ୍ୱାଳଙ୍କ ପୌରୋହିତ୍ୟରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ପ୍ରଫେସର ଅଖିଳ ବିଶ୍ୱାଳ, ପ୍ରାଧାପକ ରବିରଞ୍ଜନ ଶର୍ମା, ପଟ୍ଟାମୁଣ୍ଡାଇ ବ୍ଲକ ପ୍ରାକ୍ତନ ଅଧ୍ୟକ୍ଷ ମାନସ ସାମଲ, ଯୁବ ନେତା ରଶ୍ମିରଞ୍ଜନ ସ୍ୱାଇଁ, ସମାଜସେବୀ ଅକ୍ଷୟ ମହାନ୍ତି, ଶିକ୍ଷକନେତା ଅରୂପାନନ୍ଦ ବିଶ୍ୱାଳ, ନିରଞ୍ଜନ ମହାନ୍ତି, ଚନ୍ଦ୍ରଭାନୁ ନାୟକ,



ନିରଞ୍ଜନ ସୁନ୍ଦରରାୟ, ସଚ୍ଚିଦାନନ୍ଦ ବିଶ୍ୱାଳ, ଦିଗମ୍ବର ବିଶ୍ୱାଳ, ତ୍ରିଲୋଚନ ରାଉତ, ଶ୍ରୀକାନ୍ତ ସାମଲ, ବସନ୍ତ ବିଶ୍ୱାଳ, ସବ୍ୟସାଚି ବିଶ୍ୱାଳ ପ୍ରମୁଖ ଯୋଗଦେଇ ଦିବଂଗତ ସମାଜସେବୀ ଭିକାରୀ ବିଶ୍ୱାଳଙ୍କ କର୍ମମୟ ଜୀବନ ଉପରେ ଆଲୋକପାତ କରିବା ସହିତ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। କାର୍ଯ୍ୟବ୍ୟସ୍ତତା ଯୋଗୁଁ ଯୋଗ ଦେଇପାରି ନ ଥିବା କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ଓ କଟକ-ଚୌଦ୍ୱାର ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳଙ୍କ ବାର୍ତ୍ତା ପାଠ କରାଯାଇଥିଲା। ଅଜିତ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ଦୀପ୍ତି ବିଶ୍ୱାଳ, ଶାନ୍ତି ମହାନ୍ତି, ବାସନ୍ତୀ ନାୟକ, ଦୀପ୍ତିମୟୀ ବିଶ୍ୱାଳ, ଉର୍ମିଳା ରାଉତ, ଲତିକା ବିଶ୍ୱାଳ ପ୍ରମୁଖ ପରିଚାଳନା କରିଥିଲେ।

## ଏସ୍ଏନ୍ ସଂସ୍କୃତ ବିଦ୍ୟାଳୟରେ ଓଡ଼ିଆ ପକ୍ଷ

ରାଜନଗର,୧୧।୪(ସମିସ): ସ୍ଥାନୀୟ ସର୍ବପୁରାତନ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପକ୍ଷରୁ ଓଡ଼ିଆ ପକ୍ଷ ପାଳିତ ହୋଇଛି। ଅଧ୍ୟାପିକା ତନୁଶ୍ରୀ ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବକୁ ଅଧ୍ୟକ୍ଷ ଡଃ ଘନଶ୍ୟାମ ମିଶ୍ର ଉଦଘାଟନ କରିଥଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଭାସ୍କର ରାଉତରାୟ, ଅଧ୍ୟାପକ ଆଦିତ୍ୟ ତ୍ରିପାଠୀ ପ୍ରମୁଖ ଯୋଗଦେଇ ଓଡ଼ିଆ ଭାଷାକୁ ଉଜ୍ଜୀବିତ ରଖିଥିବା ଉତ୍କଳମଣି ଗୋପବନ୍ଧୁ ଦାସ,ଳ ଉତ୍କଳ ଗୌରବ ମଧୁସୂଦନ ଦାସ ଉପରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଓଡ଼ିଆ ସଙ୍ଗୀତ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା।

## ବୀଣାପାଣି ବିଦ୍ୟାଳୟର ବାର୍ଷିକ ଉତ୍ସବ




ରାଜନଗର, ୧୧।୪(ସମିସ): ସାନବଡ ଗୋପାଳପୁରସ୍ଥ ବୀଣାପାଣି ନୋଡାଲ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରାଜନଗର ବ୍ଲକ୍ ଅଧ୍ୟକ୍ଷା ପ୍ରତିଭା ପାତ୍ର ଯୋଗ ଦେଇଥିଲେ। ଛାତ୍ରଛାତ୍ରୀ ସ୍ୱାଗତ ସଙ୍ଗୀତ ସହିତ ନୃତ୍ୟ, ସଙ୍ଗୀତ, ନାଟକ ଓ ବିଭିନ୍ନ ସାହିତ୍ୟିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ। ପ୍ରଧାନଶିକ୍ଷକ ଦୟାନିଧି ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷକ ମନୋଜ ସେଠୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଏ ଅବସରରେ ଶ୍ରେଷ୍ଠ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷକ ଅଖିଳ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସରେ ସତ୍ୟପ୍ରକାଶ



ରାଜକନିକା, ୧୧।୪(ସମିସ): ରାଜକନିକା ବ୍ଲକ ବାଙ୍ଗରକୁଆଁ ଗ୍ରାମର ସୁରେଶ ରାଉତ ଓ ସପ୍ନାରାଣୀ ରାଉତଙ୍କ ପୁଅ ସତ୍ୟପ୍ରକାଶ ଅସାଧାରଣ ପ୍ରତିଭା ଦେଖାଇ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ସେ ବାଙ୍ଗାଲୋରର ସ୍ୱାମୀ ବିବେକାନନ୍ଦ ଇଂରାଜୀ ହାଇସ୍କୁଲରେ ପଞ୍ଚମ ଶ୍ରେଣୀର ଛାତ୍ର। ୨୦୨୫ରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ ପକ୍ଷରୁ ଆଇବିଆର ଆଚିଭର ଭାବେ ସମ୍ମାନିତ ହୋଇଥିଲେ। ସେ ପୁନର୍ବାର ନିଜ ପ୍ରତିଭାର ପରିଚୟ ଦେଇ ୨୦୨୫ ଡିସେମ୍ବର ୮ ତାରିଖରେ ୧୦ ବର୍ଷ ୧୦ ମାସ ୨୧ ଦିନ ବୟସରେ ଶୀଘ୍ର ୫୦ଟି ସ୍ୱୟଂ ରଚିତ ଇଂରାଜୀ କବିତା ୧ ଘଣ୍ଟା ୧୮ ମିନିଟ୍ ୭ ସେକେଣ୍ଡ ମଧ୍ୟରେ ଲେଖି ରେକର୍ଡ ସ୍ଥାପନ କରିଛନ୍ତି। ଏହି ସାଧନାକୁ ଇଣ୍ଟରନ୍ୟାସନାଲ ବୁକ୍ ଅଫ୍ ରେକର୍ଡସ ଦ୍ୱାରା ସ୍ୱୀକୃତି ମିଳିଛି। ସତ୍ୟ ପ୍ରକାଶ ଛୋଟବେଳୁ ପାଠପଢା ସହ କବିତା ଲେଖା ଓ ବିଭିନ୍ନ ବିଷୟରେ ଜ୍ଞାନ ସଂଗ୍ରହରେ ରୁଚି ରଖିଆସୁଛନ୍ତି।

## ସାମାଜିକ କର୍ମୀ ସୀତାନାଥ ଦାସଙ୍କ ସ୍ମୃତିସଭା

ରାଜକନିକା,୧୧।୪(ସମିସ): ଓଳାଭର ଅଞ୍ଚଳର ସାମାଜିକ କର୍ମୀ ସୀତାନାଥ ଦାସଙ୍କ ଏକାଦଶାହରେ ତାଙ୍କ ବାସଭବନ ଦେଉଳସାହିରେ ରାଜକନିକା ବ୍ଲକ ଯାଦବ ମହାସଭା ଆନୁକୂଲ୍ୟରେ ଇଂ. ପଞ୍ଚାନନ ଦାସଙ୍କ ସଭାପତିତ୍ୱରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ସ୍ୱର୍ଗତ ଦାସଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରାଯିବା ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ସ୍ୱର୍ଗତ ଦାସ ଜଣେ ସଚ୍ଚୋଟ, ନିଷ୍କପଟ, ଉଦାରବାଦୀ ମଣିଷ ଓ ଜଣେ ଅନୁଷ୍ଠାନ ବୋଲ ଅତିଥିମାନେ ସ୍ମୃତିଚାରଣ କରିଥିଲେ। ତାଙ୍କ ଆଦର୍ଶଗତ ଚିନ୍ତା ଚେତନା ଯୁବପିଢ଼ିଙ୍କ ଲାଗି ପ୍ରେରଣାର ଉତ୍ସ ହେଉ ବୋଲି ମତବ୍ୟକ୍ତ କରିଥିଲେ।

### ଆଳିରେ ଧାନମଣ୍ଡିର ବିକଳ ଚିତ୍ର

# କାଳବୈଶାଖୀ ବର୍ଷାରେ ଭିଜୁଛି ଧାନ

ଆଳି,୧୧।୪(ସମିସ)

ବର୍ଷାରେ ଭିଜିଲା, ଗଜା ମାରିଲା ଶତାଧିକ ବସ୍ତା ଧାନ। ଜିଲ୍ଲାରେ ମଣ୍ଡି ଋତୁ ସରିଲା, ଚାଷୀଙ୍କ ଆଖି ସ୍ନାନ କରାଯାଇ ଖାତାକୁ ଟଙ୍କା ଗଲା। କିନ୍ତୁ ସରକାରୀ ଗୋଦାମକୁ ଧାନ ଯାଇ ନ ପାରିବାରୁ ଏବେ ଗଜା ମାରି ଶତାଧିକ ବସ୍ତା ଧାନ ନଷ୍ଟ ହେବାକୁ ବସିଛି। ଏଥିସହ ଚାଷୀଙ୍କ ଧାନ ମଧ୍ୟ ବର୍ଷାରେ ଭିଜୁଛି। ଏହା ହେଉଛି କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ଅନ୍ତର୍ଗତ ସମବାୟ ସମିତି ଅଧୀନରେ ଖୋଲିଥିବା ଧାନମଣ୍ଡିର ଦୃଶ୍ୟ। ଖୋଲା ଆକାଶ ତଳେ ପଡ଼ିରହିଛି ଶତାଧିକ ଗଜା ଧାନ ବସ୍ତା। ଆଳି ବ୍ଲକର ସିଙ୍ଗିରି, ନୂଆଗାଁ ଓ ନିଆଳ ଆଦି ସମବାୟ ସମିତିରେ ଧାନ ବସ୍ତା ବାହାରେ ପଡ଼ିରହିଥିବା ଦେଖିବାକୁ ମିଳିଛି।



ନିକଟରେ ହେଉଥିବା କାଳବୈଶାଖୀ ବର୍ଷା ଯୋଗୁଁ ଏଭଳି ସ୍ଥିତି ଉପୁଜିଥିବାବେଳେ ଧାନ ବିକ୍ରି କରିବାକୁ ଧାନ ଆଣିଥିବା ଚାଷୀ ହତାଶ ହୋଇପଡିଛନ୍ତି। ଚଳିତବର୍ଷ ମଣ୍ଡି ପୂର୍ବରୁ ଧାନର ସୁରକ୍ଷିତ ଜମା ପାଇଁ ପ୍ରତି ସୋସାଇଟିରେ ମଣ୍ଡି ଗୃହ ନିର୍ମାଣ କରାଯାଇଥିଲେ ସୁଦ୍ଧା କିଛି ସୋସାଇଟିରେ ମଣ୍ଡି ଗୃହ ନିର୍ମାଣ ହୋଇ ନ ଥିବାରୁ ଧାନ ଏବେ ନଷ୍ଟ ହେବାକୁ ବସିଛି।

ଆଳି ବ୍ଲକରେ ୧୩ଟି ମଣ୍ଡି ଖୋଲାଯାଇଥିବାବେଳେ ୨ଟି ମଣ୍ଡି ମହୁ ଓ ଦେମାଳର ସ୍ଥାୟୀ ଗୃହ ନିର୍ମାଣ କରାଯାଇଛି। ୧୧ଟି ଧାନ ମଣ୍ଡିର ଏଯାବତ ସ୍ଥାୟୀ ଗୃହ ନାହିଁ। ଫଳରେ ଚାଷୀଙ୍କ ଧାନ ଖୋଲା ଆକାଶ ତଳେ ପଡ଼ିରହିଛି। ଏପରିକି ଅନେକ ଚାଷୀ ଧାନ ଦେବା ସମୟରେ ବର୍ଷା ହେବାରୁ ସେହି ଓଦା ଧାନକୁ ମିଲର ନେଉ ନ ଥିବା ମଧ୍ୟ ଦେଖିବାକୁ ମିଳୁଛି। ଯାହାକୁ ନେଇ ଚାଷୀଙ୍କ ମନରେ କ୍ଷୋଭ ଦେଖାଦେଇଛି। ସରକାର କିଣିଥିବା ଧାନ ଗଜା ହୋଇସାରିଥିବାବେଳେ ତାହାର ମୂଲ୍ୟ କିଏ ଦେବ। କିହିଁକି ନିର୍ଦ୍ଧାରିତ ସମୟ ସୁଦ୍ଧା ମଣ୍ଡି ଗୃହ ନିର୍ମାଣ କାର୍ଯ୍ୟ ସରିଲା ନାହିଁ। ଏଥିପାଇଁ କିଏ ଦାୟୀ। ନଷ୍ଟ ହୋଇଥିବା ଧାନର ମୂଲ୍ୟ କିଏ ଦେବ। ତାହାକୁ ନେଇ ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଔପଦା ମହିମା ଆଶ୍ରମର ବାର୍ଷିକ ଉତ୍ସବ



ପଟ୍ଟାମୁଣ୍ଡାଇ,୧୧।୪(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତଗତ ଔପଦା ପଞ୍ଚାୟତ ଔପଦା ମହିମା ଆଶ୍ରମର ୧୦ମ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଦିବାକର ବାବାଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ସାଧୁ ଅଭୟ ବାବା, ସୁବ୍ରତ ବାବା, ଦୁଷ୍ମନ୍ତ ବାବା, ଶ୍ରୀକାନ୍ତ ବାବା, ଅନ୍ତର୍ଯ୍ୟାମୀ ବାବା, କାଳନ୍ଦୀ ବାବାଙ୍କ ସମେତ ଶହ ଶହ ମହିମା ଧର୍ମାବଲମ୍ବି ସାମିଲ ହୋଇ ସମଗ୍ର ଅଞ୍ଚଳକୁ ଆଧାତ୍ମିକମୟ କରିଥିଲେ। ଏଥିରେ ଧ୍ରୁବ-ଅନ୍ନପୂର୍ଣ୍ଣା କଳା ପରିଷଦ ସଭାପତି ନଳିନୀ କାନ୍ତ ସ୍ୱାଇଁଙ୍କ ସଂଯୋଜନାରେ ମାନଗୋବିନ୍ଦ ସ୍ୱାଇଁ, କେଶବ ପ୍ରଧାନ, ସୁମନ ସାହୁ, ବିଜୟ ସାହୁ ପ୍ରମୁଖ ଭଜନ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ନିମାଇଁ କର, ପ୍ରଭାସ ରାଉତ, ହୃଷିକେଶ ଜେନା, ଅକ୍ଷୟ ସାମଲ, ନଳିନୀକାନ୍ତ ସ୍ୱାଇଁ, ରଞ୍ଜନ ସୂତାର, ଅନିରୁଦ୍ଧ ସାହୁ, ବିବେକ ସୂତାର, ସୁଶାନ୍ତ କର, ମଳୟ ନାଥ, ବିମଳ ସାହୁ ପ୍ରମୁଖ ପରିଚାଳନା କରିଥିବାବେଳେ ରବୀନ୍ଦ୍ର ସାହୁ, ମହେଶ୍ୱର ଓଝା, ରାଧେଶ୍ୟାମ ବାରିକ, ଅଶ୍ୱିନୀ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଏହି ମହାର୍ଘ୍ୟ କାର୍ଯ୍ୟକ୍ରମରେ ୨ ହଜାରରୁ ଉର୍ଦ୍ଧ୍ୱ ଭକ୍ତ ଯୋଗ ଦେଇଥିଲେ।

## ୧୦ଟି ପଥର ବୋଝେଇ ଟ୍ରକ୍ ଜବତ

ପଟ୍ଟାମୁଣ୍ଡାଇ,୧୧।୪(ସମିସ): କେନ୍ଦ୍ରାପଡ଼ା ଏସ୍‌ପି ସିଦ୍ଧାର୍ଥ କଟାରିଆ ବେଆଇନ ପଥର ଚାଲାଣ ରୋକିବା ପାଇଁ କଠୋର ପଦକ୍ଷେପ ଗ୍ରହଣ କରିଛନ୍ତି। ଏସ୍‌ପିଙ୍କ ନିର୍ଦ୍ଦେଶରେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ପୁଲିସ ଗତକାଲି ରାତି ୨ଟା ସମୟରେ ବେଆଇନ ପଥର ନେଇ ରାଜନଗର ଯାଉଥିବା ୧୦ଟି ଟ୍ରକକୁ ନିମପୁର ନିକଟରେ ଅଟକାଇ କାଗଜପତ୍ର ଯାଞ୍ଚ ପରେ ଜବତ କରିଛି। ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଧିକାରୀ ଶ୍ରୀକାନ୍ତ ବାରିକ ଓ ଜିଲ୍ଲା ମାଇନିଂ ଅଫିସର ଦିନେଶ ମହାପାତ୍ର ମିଳିତ ଭାବେ ଚଢ଼ଉ କରି ଟ୍ରକଗୁଡିକ ଜବତ କରିଛନ୍ତି। ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ପକ୍ଷରୁ ମାମଲା ରୁଜୁ କରାଯାଇ ଖୋଳତାଡ ଆରମ୍ଭ ହୋଇଛି।

# କାମାକ୍ଷାନଗର ମହାବିଦ୍ୟାଳୟରେ ରକ୍ତଦାନ ଶିବିର



**କାମାକ୍ଷାନଗର,୧୧।୪(ସମିସ):** ଓଡ଼ିଆ ପକ୍ଷ ପାଳନ ଅବସରରେ କାମାକ୍ଷାନଗର ମହାବିଦ୍ୟାଳୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ କାମାକ୍ଷାନଗର ଉପଜିଲ୍ଲାପାଳ ଦୀନମଣି ନାୟକ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସହକାରୀ ଜିଲ୍ଲାପାଳ ଦୀପକ କୁମାର ମିଶ୍ର, ଉପଖଣ୍ଡ ଚିକିତ୍ସା ଅଧିକାରୀ ଡା. ଦିଗମ୍ବର ସାହୁ ଯୋଗଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ପ୍ରଶାନ୍ତ କୁମାର ମହାନ୍ତି ଶିବିରର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇବା ସହ ପ୍ରଥମେ ରକ୍ତଦାନ କରି ସମସ୍ତଙ୍କୁ ପ୍ରେରଣା ଯୋଗାଇଥିଲେ। ପ୍ରାଧ୍ୟାପକ ଶ୍ରୀକାନ୍ତ କୁମାର ପ୍ରଧାନ, ପ୍ରାଧ୍ୟାପିକା ସୁବାସିନୀ ସାଥୁଆ ମହାପାତ୍ର, ଯୁବ ରେଡକ୍ରସ କାଉନସେଲର ଅଧ୍ୟାପକ ଶରତ ଚନ୍ଦ୍ର ବେହେରା, ଜାତୀୟ ସେବା ଯୋଜନା ଅଧିକାରୀ ରଶ୍ମିରଞ୍ଜନ ସେନାପତି, ଅଧ୍ୟାପିକା ଭାଗ୍ୟଶ୍ରୀ ସାହୁ, ଏନ୍‌ସିସି ଅଧିକାରୀ ରାକେଶ କୁମାର ପଲେଇ, ଅଧ୍ୟାପକ ଡ. ଶ୍ରୀବତ୍ସ କୁମାର ସାହୁ, ଡ. ପ୍ରସନ୍ନ କୁମାର ନାୟକ, ପ୍ରଦୀପ କୁମାର ମହାପାତ୍ର, ଡ. ଜୟକୃଷ୍ଣ ମିଶ୍ର, ଶ୍ରୀଧର କୁମାର ଜାଲି, ଅଧ୍ୟାପିକା ବୀଣାପାଣି ନାୟକ, କର୍ମଚାରୀ ପଞ୍ଚାନନ ଜେନା, ଶରତ ଚନ୍ଦ୍ର ରାଉତ, ପ୍ରଦ୍ୟୁମ୍ନ କୁମାର ଦେହୁରୀ, ଶିବଜ୍ୟୋତି ବେହେରାଙ୍କ ତତ୍ତ୍ୱାବଧାନରେ ୫୧ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। ଢେଙ୍କାନାଳ ରକ୍ତଭଣ୍ଡାର ଅଧିକାରୀ ଓ କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ।

# ତିନି ବିଭାଗରେ ବିଦାୟକାଳୀନ ସମ୍ବର୍ଦ୍ଧନା



**ଖଜୁରିଆକଟା,୧୧।୪(ସମିସ):** ହିନ୍ଦୋଳ ମହାବିଦ୍ୟାଳୟର ତିନି ବିଭାଗର +୩ ଶେଷବର୍ଷ ଛାତ୍ରଛାତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ପୂର୍ବାହ୍ନ ୧୦ଟାରେ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ପକ୍ଷରୁ ଆୟୋଜିତ ସଭାରେ ବିଭାଗୀୟ ମୁଖ୍ୟ ଶୈଲ୍ୟ ସାମଲ ସଭାପତିତ୍ୱ କରିଥିଲେ। ଓଡ଼ିଆ ଅଧ୍ୟାପକ ମୁରଲୀ କିଶୋର ଜେନାମଣି, ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ନାୟକ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ୧୧ଟାରେ ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ଜୟନ୍ତ ନାରାୟଣ ପତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଅଧ୍ୟାପକ ଡ. କିଶୋର କୁମାର ପୃଷ୍ଟି, ଅକ୍ଷୟ କୁମାର ପାତ୍ର, ଡ. ମହେନ୍ଦ୍ର କୁମାର ସ୍ୱାଇଁ, କର୍ମଚାରୀ ସନ୍ଦିପ ବେହେରା ପ୍ରମୁଖ ଯୋଗଦେଇ ଜାତି ପ୍ରେମରେ ଛାତ୍ରଛାତ୍ରୀ ଅନୁପ୍ରାଣିତ ହେଲେ ଦେଶ ଓ ଜାତିର ପ୍ରଗତି ସମ୍ଭବ ବୋଲି କହିଥିଲେ। ଅପରାହ୍ନ ସାଢ଼େ ୧୨ଟା ପ୍ରାଣୀ ବିଜ୍ଞାନ ବିଭାଗ ମୁଖ୍ୟ ଶିବଶଙ୍କର ଦାସଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ଅଧ୍ୟାପକ ସୁକାନ୍ତ କୁମାର ପତି, ଅଧ୍ୟାପିକା ରୁଚିସ୍ମିତା ବେହେରା ଓ କର୍ମଚାରୀ ମଙ୍ଗରାଜ ପ୍ରଧାନ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ସମସ୍ତ ବିଭାଗର ସମ୍ବର୍ଦ୍ଧନା ସଭାରେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଦୀପ କୁମାର ଧଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ପ୍ରଶଂସା କରିଥିଲେ।

# ବିଶ୍ୱ ହୋମିଓପାଥି ଦିବସ ପାଳିତ



**ହିନ୍ଦୋଳ,୧୧।୪(ସମିସ):** ହିନ୍ଦୋଳ ବ୍ଲକ ପାଇକ ପୁରୁଣାକୋଟ ହୋମିଓପାଥି ମେଡିକାଲ ପରିସରରେ ବିଶ୍ୱ ହୋମିଓପାଥି ଦିବସ ପାଳିତ ହୋଇଛି। ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପରିସରରେ ଡା. ଦମୟନ୍ତୀ ସେଠୀଙ୍କ ତତ୍ତ୍ୱାବଧାନରେ ହୋମିଓପାଥିକର ଜନକ ଡା. ହାନିମାନଙ୍କ ୨୭୧ତମ ଜୟନ୍ତୀ ପାଳନ ଅବସରରେ ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଦିବସ ପାଳନର ତାତ୍ପର୍ଯ୍ୟ ଏବଂ ହୋମିଓପାଥି ଚିକିତ୍ସା ବ୍ୟବସ୍ଥା ଉପରେ ଡା. ସେଠୀ ଅବଗତ କରିଥିଲେ। ଏଥିରେ ବହୁ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି, ଛାତ୍ରଛାତ୍ରୀ ଯୋଗଦେଇଥିଲେ। ହୋମିଓ ସହାୟିକା ସୀମାରାଣୀ ପ୍ରଧାନ, କର୍ମଚାରୀ ସୁଶାନ୍ତ ପଧାନ, ଚରଣ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# 'ବିକାଶମୂଳକ ଯୋଗାଯୋଗରେ ଶିଶୁଙ୍କ ସୁରକ୍ଷା ଅପରିହାର୍ଯ୍ୟ'

**ଢେଙ୍କାନାଳ,୧୧।୪(ସମିସ)**



ସ୍ଥାନୀୟ ଭାରତୀୟ ଗଣଯୋଗାଯୋଗ ସଂସ୍ଥାନ ଏବଂ ଶିଶୁ ସୁରକ୍ଷା ଅଧିକାର ଉପରେ କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀ ସଙ୍ଗଠନ 'କ୍ରାଇ'ର ମିଳିତ ସହଯୋଗରେ 'ଶିଶୁ ଅଧିକାର ଏବଂ ଗଣମାଧ୍ୟମ ଆହ୍ୱାନ ଏବଂ ସୁଯୋଗ' ଶୀର୍ଷକ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଛି। ସାମ୍ପ୍ରତିକ ସମାଜରେ ଶିଶୁଙ୍କ ସୁରକ୍ଷା ଓ ଅଧିକାର ପ୍ରତି ଗଣମାଧ୍ୟମର ଦାୟିତ୍ୱବୋଧକୁ ନେଇ କର୍ମଶାଳାରେ ଆଲୋଚନା କରାଯାଇଛି। "କ୍ରାଇ'ର ମିଡିଆ ରିଲେସନ ମୁଖ୍ୟ ଅଭିକ ଭଟ୍ଟାଚାର୍ଯ୍ୟ କହିଲେ ଯେ ଜଣେ ସାମ୍ବାଦିକ ପାଇଁ ତାଙ୍କ "ବାଇଲାଇନ' ଅପେକ୍ଷା ଶିଶୁର ଜୀବନ ଓ ସୁରକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ। ଖବର ପରିବେଷଣ ସମୟରେ ବ୍ୟକ୍ତିଗତ ପରିଚୟ ଅପେକ୍ଷା ସମସ୍ୟା ଉପରେ ଅଧିକ ଧ୍ୟାନ ଦେବା ଉଚିତ। ସମାଜରେ ସକାରାତ୍ମକ ପରିବର୍ତ୍ତନ ପାଇଁ ଆଚରଣଗତ ପରିବର୍ତ୍ତନ ଯୋଗାଯୋଗର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟତମ ବକ୍ତା ଭାବେ 'କ୍ରାଇ'ର ରିସର୍ଚ୍ଚ ଏବଂ ନଲେଜ୍ ଏକ୍ସଚେଞ୍ଜ୍ ନିର୍ଦ୍ଦେଶକ ଶୁଭେନ୍ଦୁ ଭଟ୍ଟାଚାର୍ଯ୍ୟ ଯୋଗଦେଇ କହିଲେ ଯେ ଶିଶୁ ଅଧିକାର ସମ୍ବନ୍ଧୀୟ ଖବରକୁ କେବଳ ସେନସେସନାଲ ବା ଚାଞ୍ଚଲ୍ୟକର ଦୃଷ୍ଟିକୋଣରୁ ନ ଦେଖି ଏହାର ମୂଳ କାରଣ ଏବଂ ସମାଧାନର ଦିଗକୁ ଉପସ୍ଥାପନ କରିବା ଉଚିତ। ସମାଜର ମଙ୍ଗଳ ପାଇଁ ଆଜିର ସମୟରେ 'ପ୍ରୋସପେକ୍ଟିଭ୍ ଜର୍ଣ୍ଣାଲିଜିମ୍' ବା ଦୂରଦୃଷ୍ଟି ସମ୍ପନ୍ନ ସାମ୍ବାଦିକତାର ପ୍ରାସଙ୍ଗିକତା ବଢ଼ିବାରେ ଲାଗିଛି ବୋଲି କହିଥିଲେ। ଅନୁଷ୍ଠାନର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଡ. ଆନନ୍ଦ ପ୍ରଧାନ ଶିଶୁମାନଙ୍କୁ କେବଳ ସାମାଜିକ ସୁରକ୍ଷାର ପରିଧି ଭିତରେ ନ ରଖି ସମାଜର ଜଣେ ସଚେତନ ଓ 'ଅଧିକାର ଭିତ୍ତିକ ନାଗରିକ' ଭାବେ ଗ୍ରହଣ ଉପରେ ଗୁରୁତ୍ୱାରୋପ କରିଥିଲେ। ସାମ୍ବାଦିକତା କେବଳ ଶିଶୁଙ୍କ ପାଇଁ ନୁହେଁ ବରଂ ଶିଶୁଙ୍କୁ ସାଥୀରେ ନେଇ ହେବା ଉଚିତ୍। ଯେଉଁଠି ପ୍ରତିଟି ରିପୋର୍ଟରେ ସେମାନଙ୍କ ସ୍ୱର, ସ୍ୱପ୍ନ ଏବଂ ସୁରକ୍ଷା ଅଧିକାରର ପ୍ରତିଫଳନ ଦେଖିବାକୁ ମିଳିବ ବୋଲି ସେ କହିଥିଲେ। ଆଜିର ବ୍ୟସ୍ତବହୁଳ ଓ ପ୍ରତିଯୋଗିତାମୂଳକ ଦୁନିଆରେ ଶିଶୁମାନେ ଅନେକ ସମୟରେ ମାନସିକ ଚାପର ଶିକାର ହେଉଛନ୍ତି। ସେମାନଙ୍କୁ ସ୍ୱାଧୀନ ଭାବେ ବଞ୍ଚିବାକୁ ସୁଯୋଗ ମିଳୁନାହିଁ। ଏଭଳି ସ୍ଥିତିରେ ଗଣମାଧ୍ୟମ ପ୍ରତିନିଧିମାନେ ସେମାନଙ୍କ ସ୍ୱର ସାଜିବା ସହ ଶିଶୁ କଲ୍ୟାଣ ପାଇଁ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ କର୍ମଶାଳାରେ ଆହ୍ୱାନ ଦିଆଯାଇଥିଲା। ଏହି ଅବସରରେ ଇଂରାଜୀ ସାମ୍ବାଦିକତା ବିଭାଗର ପତ୍ରିକା 'ଇଷ୍ଟର୍ଣ୍ଣ ଲେନ୍ସ' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। 'କ୍ରାଇ' ପକ୍ଷରୁ ଶିଶୁ ଅଧିକାର ରିପୋର୍ଟିଂ ମାର୍ଗଦର୍ଶିକା ପୁସ୍ତକ ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ତିନି ବିଭାଗର ଛାତ୍ରଛାତ୍ରୀ ସମେତ ସଂସ୍ଥାନର ଇଂରାଜୀ ସାମ୍ବାଦିକତାର ସହଯୋଗୀ ଅଧ୍ୟାପକ ଡ. ବିରଞ୍ଚି ନାରାୟଣ ସେଠ୍, ଓଡ଼ିଆ ସାମ୍ବାଦିକତା ବିଭାଗ ଅଧ୍ୟାପିକା ଚିରୋସ୍ରୋତା ଜେନା ଏବଂ ସିସିବିଏମର ସହଯୋଗୀ ଅଧ୍ୟାପକ ପାରସ ଯାଦବ ଓ ଆଭା ସିଂ ଯୋଗଦେଇଥିଲେ।

# ନନ୍ଦିନୀ ଶତପଥୀ ଶିଶୁ ଉଦ୍ୟାନର ପ୍ରାଚୀର କାର୍ଯ୍ୟ ଆରମ୍ଭ

**ଢେଙ୍କାନାଳ,୧୧।୪(ସମିସ):** ସ୍ଥାନୀୟ ୩ ନଂ ୱାର୍ଡରେ ନନ୍ଦିନୀ ଶତପଥୀ ଶିଶୁ ଉଦ୍ୟାନର ପ୍ରାଚୀର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଅଞ୍ଚଳବାସୀଙ୍କ ପ୍ରାୟ ୨୦ ବର୍ଷର ଦାବି ପୂରଣ ହେବାକୁ ଯାଉଛି। ଏଠାରେ ଶିଶୁଙ୍କ ସମେତ ବରିଷ୍ଠ ନାଗରିକଙ୍କ ଚଲାବୁଲା ପାଇଁ ଉଦ୍ୟାନଟିଏ ନହିଁ। ଜମିମାଫିଆଙ୍କ ଲୋଲୁପ ଦୃଷ୍ଟିରୁ ଅଞ୍ଚଳବାସୀ ପ୍ରାୟ ୧୨ ଗୁଣ୍ଠ ବହୁମୂଲ୍ୟ ଜମି ବଞ୍ଚାଇ ଆରଡିସିଙ୍କୁ ଦେଇଥିଲେ। ଆରଡିସି ୧୫ ବର୍ଷ ପୂର୍ବେ ଜମି ଚାରି ପାଖରେ ତାରବାଡ଼ ଦେଇ ଅନୁପ୍ରବେଶ ଦଣ୍ଡନୀୟ ଅପରାଧ ବୋଲି ବୋର୍ଡ ଲଗାଇଥିଲେ। କିଛି ଜମିମାଫିଆ ତାରବାଡ଼ ଭାଙ୍ଗି ନକଲି କାଗଜପତ୍ର ଦେଖାଇ ସେଠାରେ ଜଣେ ଅଯୋଗ୍ୟ ବ୍ୟକ୍ତିଙ୍କୁ ବେଆଇନ ଭାବେ ପିଏମ ଆବାସ ଯୋଜନାର ଘର ନିର୍ମାଣ କଲେ। ପରେ ୨୦୧୬ରେ ମ୍ୟୁନିସିପାଲିଟି ତରଫରୁ ପାର୍କ ନିର୍ମାଣ ପାଇଁ ୪୦ ଲକ୍ଷ ଟଙ୍କାର ଏକ ପ୍ରୋଜେକ୍ଟ ରିପୋର୍ଟ ରାଜ୍ୟ ସରକାରଙ୍କୁ ଦିଆଯାଇଥିଲା। ସ୍ଥାନୀୟ ବାସିନ୍ଦା ଏନସିପିସିଆର ଓ ଏନଏଚଆରସିକୁ ଯାଇ ପାର୍କ ନିର୍ମାଣ ପାଇଁ ଆଦେଶ ମଧ୍ୟ ହାସଲ କରିଛନ୍ତି। ଗତବର୍ଷ ପୌରାଧ୍ୟକ୍ଷା ଜୟନ୍ତୀ



ପାତ୍ର ଶିଶୁ ଉଦ୍ୟାନର ଶିଳାନ୍ୟାସ କରି ପ୍ରାୟ ୧୦ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ଏବେ ପାଚେରି ନିର୍ମାଣ କାର୍ଯ୍ୟ ଅରମ୍ଭ ହୋଇଥିବାରୁ ଅଞ୍ଚଳବାସୀ ଖୁସି ବ୍ୟକ୍ତ କରିଛନ୍ତି। ସମାଜସେବୀ ରାମଚନ୍ଦ୍ର ପାତ୍ରଙ୍କ କହିବା ଆନୁସାରେ ଖୁବଶୀଘ୍ର ପାର୍କ ନିର୍ମାଣ କାର୍ଯ୍ୟ ଶେଷ ହେବ। ପାଚେରି ନିର୍ମାଣ ପରେ ବାଉଣ୍ଡରୀ ୱାଲକୁ ଲାଗି ଜଗିଂ ଟ୍ରାକ ନିର୍ମାଣ ହେବ। ପିଲାଙ୍କ ବ୍ୟାୟାମ ପାଇଁ ଅତ୍ୟାଧୁନିକ ସରଞ୍ଜାମ ଲାଗିବ। ଉଦ୍ୟାନରେ ବୃକ୍ଷରୋପଣ ସାଙ୍ଗକୁ ଏକ ଛୋଟ ମନ୍ଦିର ନିର୍ମାଣ କାରାଯାଇ ଆଧାତ୍ମିକ ପରିବେଶ ସୃଷ୍ଟି କରାଯିବ। ଆଗାମୀ ଦିନରେ ପାର୍କ ନିକଟରେ ଥିବା ସରକାରୀ ଜଳାଶୟର ପୁନରୁଦ୍ଧାର କାରାଯାଇ ଆମୋଦ ପ୍ରମୋଦ ପାଇଁ ନୌକା ଚାଳନା ବ୍ୟବସ୍ଥା କରାଯିବ ବୋଲି ସମାଜସେବୀ ପାତ୍ର କହିଛନ୍ତି। ଜଣେ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ପାର୍କ ମଝିରେ ଯିବା ଆସିବା ପାଇଁ ରାସ୍ତା ନେବାକୁ ଉଦ୍ୟମ କରୁଛନ୍ତି। ତାଙ୍କ ଯିବା ଆସିବା ପାଇଁ ଦୁଇଟି ରାସ୍ତା ଥିଲେ ମଧ୍ୟ ଏପରି ହୀନ ଉଦ୍ୟମକୁ ସବୁ ସ୍ତରରେ ନାପସନ୍ଦ କରାଯାଇଛି। କୌଣସି ପ୍ରକାରର ବେନିୟମ କାର୍ଯ୍ୟ କରିବାକୁ ଦିଆଯିବ ନାହିଁ ବୋଲି ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର କହିଛନ୍ତି। ସୂଚନାଯୋଗ୍ୟ, ସାଂସଦ ରୁଦ୍ରନାରାୟଣ ପାଣି ପାର୍କ ନିର୍ମାଣ ପାଇଁ ୨୦ ଲକ୍ଷ ଟଙ୍କା ଏମପି ଲ୍ୟାଡ ଫଣ୍ଡରୁ ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# କୃଷକ କ୍ଷେତ୍ର ପରିଦର୍ଶନ କାର୍ଯ୍ୟକ୍ରମ



**ଗଁଦିଆ,୧୧।୪(ସମିସ):** ସପ୍ତଶଯ୍ୟା ପଞ୍ଚାୟତ ସପ୍ତଶଯ୍ୟା ପଡ଼ା ଗ୍ରାମରେ ଫାଉଣ୍ଡେସନ ଫର ଇକୋଲୋଜିକାଲ ସିକ୍ୟୁରିଟି (ଏଫଇଏସ) ଦ୍ୱାରା ଏକ କୃଷକ କ୍ଷେତ୍ର ପରିଦର୍ଶନ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। କାର୍ଯ୍ୟକ୍ରମରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଆୟୁକ୍ତ ଓ ସହ ନିର୍ଦ୍ଦେଶକ ସଚିନ ଆର୍. ଯାଦବ, ଉଦ୍ୟାନ ବିଭାଗ ନିର୍ଦ୍ଦେଶକ କାଲୁଙ୍ଗେ ଗୋରଖ ୱାମାନ, ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ, ଏଫ୍‌ଇଏସ୍ ନିର୍ଦ୍ଦେଶିକା ସ୍ୱପ୍ନାଶ୍ରୀ ଷଡ଼ଙ୍ଗୀ, ଏଫ୍‌ଇଏସ୍ ରାଜ୍ୟ ମୁଖ୍ୟ ମୀନା ଦାସ ମହାପାତ୍ର, ସ୍ଥାନୀୟ ସରପଞ୍ଚ ଅଭିମନ୍ୟୁ ବେହେରା ପ୍ରମୁଖ ଯୋଗଦେଇଥିଲେ। ପ୍ରାକୃତିକ କୃଷି କ୍ଷେତ୍ର ପରିଦର୍ଶନ ସହ ପ୍ରାକୃତିକ ଓ ରାସାୟନିକ କୃଷି ପ୍ରଣାଳୀରେ ଚାଷ ହୋଇଥିବା ଜମିର ତୁଳନାତ୍ମକ ପର୍ଯ୍ୟବେକ୍ଷଣ କରାଯାଇଥିଲା। ଉଭୟ ପ୍ରଣାଳୀ ମଧ୍ୟରେ ଥିବା ପ୍ରଭେଦ ଦେଖି ଅତିଥି ସନ୍ତୋଷ ପ୍ରକାଶ କରିଥିଲେ। ପ୍ରାକୃତିକ କୃଷି ପ୍ରତି ଉତ୍ସାହ ଜଣାଇଥିଲେ। ପରେ ଏଫଇଏସ ସହଯୋଗରେ ସ୍ଥାପିତ ପ୍ରାକୃତିକ ଦୈ÷ନନ୍ଦିନ ପରିବା ଦୋକାନ ପରିଦର୍ଶନ କରି ବିକ୍ରେତାମାନଙ୍କ ସହ ସମ୍ପ୍ରତିକ ଅନୁଭବ, ବିକ୍ରୟ ପ୍ରଣାଳୀ ଓ ବଜାର ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ପରେ ପତ୍ରଭାଗ ଗ୍ରାମରେ ଆୟୋଜିତ ପ୍ରାକୃତିକ ମହିଳା କୃଷକ ସମ୍ମିଳନୀରେ ଯୋଗଦେଇ ମହିଳା ଚାଷୀମାନଙ୍କ ସହ ପ୍ରାକୃତିକ କୃଷି ପ୍ରଣାଳୀ ସମ୍ବନ୍ଧରେ ଭାବ ବିନିମୟ କରିଥିଲେ। ଏଫଇଏସ୍ ଓ ଉଦ୍ୟାନ ବିଭାଗ ମିଳିତ ପ୍ରୟାସରେ ଗଠିତ ଏବଂ ଗ୍ରାମୀଣ ମହିଳା ଚାଷୀଙ୍କ ଦ୍ୱାରା ପରିଚାଳିତ କମ୍ୟୁନିଟି ବାୟୋ ରିସୋର୍ସ ସେଣ୍ଟର ମଧ୍ୟ ପରିଦର୍ଶନ କରାଯାଇଥିଲା।

● ପ୍ରହସନ ପାଲଟିଛି ସରକାରଙ୍କ ଶିଶୁ ବିକାଶ କାର୍ଯ୍ୟକ୍ରମ

# ୮ ମାସ ହେଲା ଅଙ୍ଗନବାଡ଼ି କେନ୍ଦ୍ରରେ ନାହିଁ ଚାଉଳ

**ଖଜୁରିଆକଟା,୧୧।୪(ସମିସ):** ରାଜ୍ୟ ସରକାରଙ୍କ ଶିଶୁ ବିକାଶ କାର୍ଯ୍ୟକ୍ରମ ପ୍ରହସନରେ ପରିଣତ ହୋଇଛି। ୮ ମାସ ହେଲା ଢେଙ୍କାନାଳ ଜିଲ୍ଲାର ବିଭିନ୍ନ ଅଙ୍ଗନବାଡ଼ି କେନ୍ଦ୍ରରେ ଚାଉଳ ନ ଥିବାରୁ ରୋଷେଇ ବନ୍ଦ ରହିଥିବା ଜଣାପଡ଼ିଛି। ଓଡ଼ାପଡ଼ା ବ୍ଲକରେ ୨୯୮ ଅଙ୍ଗନବାଡ଼ି କେନ୍ଦ୍ର ରହିଛି। ସେଥିମଧ୍ୟରୁ ୧୯୩ କେନ୍ଦ୍ରରେ ଚାଉଳ ନ ଥିବା ଓଡ଼ାପଡ଼ା ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ନିବେଦିତା ତ୍ରିପାଠୀ ସୂଚନା ଦେଇଛନ୍ତି।

## ଉପାସରେ ଫେରୁଛନ୍ତି କୋମଳମତି ଶିଶୁ

ଅନେକ ଅଙ୍ଗନବାଡ଼ି କେନ୍ଦ୍ରରେ ପାନୀୟଜଳ ବ୍ୟବସ୍ଥା ନାହିଁ। ଫଳରେ ପଞ୍ଜିକୃତ ଅଧିକାଂଶ ଶିଶୁଙ୍କୁ ସେମାନଙ୍କ ଅଭିଭାବକ କେନ୍ଦ୍ରକୁ ଛାଡୁନାହାନ୍ତି। କାଗଜପତ୍ରରେ ସୀମିତ ରହିଛି ଶିଶୁ ବିକାଶ କାର୍ଯ୍ୟକ୍ରମ। ଏ ସମ୍ପର୍କରେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ତ୍ରିପାଠୀଙ୍କୁ ପଚାରିବାରୁ, ଚାଉଳ ନ ଥିବା ସମ୍ପର୍କରେ ଗତ ଅକ୍ଟୋବର ମାସରୁ ଆଜି ପର୍ଯ୍ୟନ୍ତ ଅନେକ ଚିଠି ଦ୍ୱାରା ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ଅବଗତ କରାଇ ଆସୁଥିଲେ ମଧ୍ୟ ଚାଉଳ ଆସିପାରୁ ନ ଥିବା କହି ନିଜ ଅସହାୟତା ପ୍ରକାଶ କରିଥିଲେ। ଢେଙ୍କାନାଳ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସଙ୍ଗୀତା ପାତ୍ରଙ୍କୁ ପଚାରିବାରୁ, ଚାଉଳ ଯୋଗାଇବାକୁ ଯେଉଁ ଭେଣ୍ଡର ଦାୟିତ୍ୱ ନେଇଛନ୍ତି ତୁରନ୍ତ ଚାଉଳ ଯୋଗାଇବାକୁ ତାଙ୍କୁ କହିବେ ବୋଲି କହିଛନ୍ତି। ତେବେ ବିଭାଗୀୟ ଅଧିକାରୀମାନଙ୍କ ଦାୟିତ୍ୱହୀନତା ଏବଂ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସରକାର ଅଙ୍ଗନବାଡ଼ି କେନ୍ଦ୍ର ପାଇଁ ବିଭିନ୍ନ ବାବଦରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଲେ ମଧ୍ୟ ତାହାର ସୁଫଳ ଜନସାଧାରଣ ପାଉ ନ ଥିବା ଅଭିଯୋଗ ହୋଇଛି।

# ନୂତନ ପାଠ୍ୟକ୍ରମ ସମ୍ପର୍କିତ ଶିକ୍ଷକ ପ୍ରଶିକ୍ଷଣ ଶିବିର

**ଢେଙ୍କାନାଳ,୧୧।୪(ସମିସ):** ଶିଶୁବାଟିକାରୁ ୮ମ ଶ୍ରେଣୀ ଯାଏଁ ନୂତନ ପାଠ୍ୟପୁସ୍ତକ ପ୍ରଣୟନ କରାଯାଇଛି। ନୂତନ ପାଠ୍ୟପୁସ୍ତକ ସହ ଅଭ୍ୟସ୍ତ ହୋଇ ଶ୍ରେଣୀରେ ଫଳପ୍ରଦ ଶିକ୍ଷାଦାନ ନିମିତ୍ତ ସଦର ବ୍ଲକ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ବିଇଓ କାର୍ଯ୍ୟାଳୟ ତରଫରୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। କାଇମାଟି ସରକାରୀ ଉଚ୍ଚ ବିଦ୍ୟାଳୟରେ ଏପ୍ରିଲ ୬ରୁ ୧୦ ତାରିଖ ପର୍ଯ୍ୟନ୍ତ ୫ ଦିନିଆ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଥିଲା। ଶିବିରରେ ଜାତୀୟ ଶିକ୍ଷାନୀତି-୨୦୨୦, ଓଡ଼ିଶା ପାଠ୍ୟକ୍ରମ ରୂପରେଖ, ନୂତନ ପାଠ୍ୟପୁସ୍ତକର ବୈଶିଷ୍ଟ୍ୟ, ଭାରତୀୟ ଜ୍ଞାନ, ସଂସ୍କୃତି, ପରମ୍ପରା ଓ ଐତିହ୍ୟ, ପଞ୍ଚକୋଷାତ୍ମକ ବ୍ୟକ୍ତିତ୍ୱ ବିକାଶ, ଦକ୍ଷତା ଆଧାରିତ ଶିକ୍ଷଣ ଓ ଆକଳନ, ଓଡ଼ିଆ, ଇଂରାଜୀ, ସଂସ୍କୃତ, ସାମାଜିକ ବିଜ୍ଞାନ, ଗଣିତ ଓ ବିଜ୍ଞାନ ବିଷୟଗୁଡ଼ିକର ଶିକ୍ଷାଦାନ ପଦ୍ଧତି,



ଶାରୀରିକ ଶିକ୍ଷା ଓ ସୁସ୍ଥତା, ବୃତ୍ତିଗତ ଶିକ୍ଷା ଓ କଳା ଶିକ୍ଷା ଆଦି ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ସୁଶାନ୍ତ ପାଢ଼ୀ, କାଳନ୍ଦୀ ଚରଣ ଦେବତା, ବିଚିତ୍ରାନନ୍ଦ ରାଉତ ଓ ଅସୀମାରାଣୀ ଆଚାର୍ଯ୍ୟ ସାଧନକର୍ମୀ ଭାବେ ଯୋଗଦେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସଦର ବିଇଓ ଦିବ୍ୟପ୍ରକାଶ ପ୍ରଧାନ ଓ ବିଆର୍‌ସିସି ଦେବବ୍ରତ ନାଥ ଶିବିର ପରିଦର୍ଶନ କରିଥିଲେ। ନୂତନ ପାଠ୍ୟପୁସ୍ତକଗୁଡ଼ିକ ବିଦ୍ୟାଳୟରେ ନ ପହଞ୍ଚିବା ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ସାଧାରଣ ଜ୍ଞାନ ଓ ପାରିପାର୍ଶ୍ୱିକ ଜ୍ଞାନରେ ଋଦ୍ଧିମନ୍ତ କରିବାକୁ ବିଇଓ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଶିକ୍ଷୟିତ୍ରୀ ବୈଶାଳିନୀ ପଣ୍ଡା, ଚାରୁଲତା ସାହୁ, ଆର୍ଯ୍ୟବାଳା ସାହୁ, ଅଭୟ ରାଉତ, ସମିନା ସୁବୁଦ୍ଧି ବିଭିନ୍ନ ଦିବସରେ ବିବରଣୀ ପାଠ କରିଥିଲେ। ଅନୁରୂପ ଭାବେ ଉକ୍ତ ବିଦ୍ୟାଳୟରେ ଆୟୋଜିତ ଦ୍ୱିତୀୟ ପ୍ରଶିକ୍ଷଣ ଶିବିରରେ ପ୍ରଶାନ୍ତ କୁମାର ପଣ୍ଡା, ସୁବାସିନୀ ମିଶ୍ର, ପ୍ରଣତି ପତି ଓ ଜିତେନ୍ଦ୍ର ସାହୁ ସାଧନ କର୍ମୀ ଭାବେ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ସତ୍ୟବ୍ରତ ପାତ୍ରଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ହରିହରଙ୍କୁ ଓଡ଼ିଆ ପକ୍ଷ ପ୍ରମାଣପତ୍ର




**ଗଁଦିଆ,୧୧।୪(ସମିସ):** ଓଡ଼ିଆ ସାହିତ୍ୟରେ ଅଧିସ୍ନାତକ ସହ ଶିକ୍ଷାରେ ସ୍ନାତକ ଯୋଗ୍ୟତା ହାସଲ କରିଥିବା ଅବସରପ୍ରାପ୍ତ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରକୃତିବନ୍ଧୁ ହରିହର ସାହୁ ଅନେକ କବିତା, ଗଳ୍ପ, ପ୍ରବନ୍ଧ ରଚନା କରିଛନ୍ତି। ଓଡ଼ିଆପକ୍ଷ-୨୦୨୬ କୁଇଜ୍ ପ୍ରତିଯୋଗିତାରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ତାଙ୍କୁ ଓଡ଼ିଆ ପକ୍ଷ ପ୍ରମାଣପତ୍ର ପ୍ରଦାନ କରାଯାଇଛି।

# ମହିମା ବହିମେଳାର ଦ୍ୱିତୀୟ ସନ୍ଧ୍ୟା





**ଢେଙ୍କାନାଳ,୧୧।୪(ସମିସ):** ସ୍ଥାନୀୟ ମିନି ଷ୍ଟାଡିୟମ ପରିସରରେ ନିୟୁ ଇଣ୍ଡିଆ ସ୍ୱେଚ୍ଛାସେବୀ ସଙ୍ଗଠନ ଏବଂ ଜିଲ୍ଲା ପ୍ରଶାସନ ମିଳିତ ସହଯୋଗରେ ଦ୍ୱିତୀୟ ମହିମା ବହିମେଳା ଆୟୋଜିତ ହୋଇଛି। ଶନିବାର ଦ୍ୱିତୀୟ ଦିବସରେ ପୁସ୍ତକପ୍ରେମୀଙ୍କ ଉତ୍ସାହ ଦେଖିବାକୁ ମିଳିଛି। ସନ୍ଧ୍ୟାରେ ଶିକ୍ଷକ ନେତା ବିପ୍ରବର ସାହୁ ଅତିଥି ଭାବେ ଯୋଗଦେଇ ବହିମେଳାର ମହକ ସାରା ଓଡ଼ିଶାକୁ ବ୍ୟାପ୍ତ କରିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କବି ନିର୍ମଳା ମହାପାତ୍ର, ପୁରୁଷୋତ୍ତମ ନନ୍ଦ, ନାଟ୍ୟ ନିର୍ଦ୍ଦେଶକ ଶତ୍ରୁଘ୍ନ ମାଟି, ସହକାରୀ ସେକ୍ସନ ଅଫିସର ପୂର୍ଣ୍ଣପ୍ରଭା ନାୟକ, କବି ବିବେକାନନ୍ଦ ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇ ବହିମେଳା ସମ୍ପର୍କରେ ଆଲୋକପାତ କରିଥିଲେ। ନିୟୁ ଇଣ୍ଡିଆର ସମ୍ପାଦକ ଶେଷଦେବ ରାଉତ ସଭାପତିତ୍ୱ କରିଥିବା ବେଳେ କବି ରାଧାନାଥ ରଥ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଯାଦୁଗର କମଳ ବିଶ୍ୱାଳ ଯାଦୁ ପରିବେଷଣ କରିଥିଲେ। ଶତ୍ରୁଘ୍ନ ମାଟି ଏବଂ ପରେଶ ପଟ୍ଟନାୟକ ଜଣାଅଜଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରବିବାର ଓଡ଼ିଆ ପକ୍ଷ ପାଳନ ଅବସରରେ ମେଳା ପରିସରରେ ବରପୁତ୍ରମାନଙ୍କ ସମ୍ପର୍କରେ ଆଲୋଚନାଚକ୍ର ଅନୁଷ୍ଠିତ ହେବବୋଲି ଅନୁଷ୍ଠାନ ତରଫରୁ ସୂଚନା ଦିଆଯାଇଛି।

ଶୁକ୍ରବାର ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ମେଳାକୁ ଉଦଘାଟନ କରିଥିଲେ। ବହି କିଣିବା ସହ ବହି ସହ ବନ୍ଧୁତା କରିବାକୁ ସେ ପାଠକମାନଙ୍କୁ ଉଦବୋଧନ ଦେଇଥିଲେ। ସମ୍ମାନିତ ବକ୍ତା ଭାବେ ମହିମାଧର୍ମ ସମାଜର ମୁଖ୍ୟ ବାବା ନିତ୍ୟାନନ୍ଦ ଦାସ, କୌପିନିଧାରୀ ମହିମା ସମାଜ ସଭାପତି ବାବା ଅବିନାଶ ଦାସ, ସମ୍ମାନିତ ଅତିଥି ଭାବେ ନଗରପାଳ ଜୟନ୍ତୀ ପାତ୍ର, ସାଧୁ ଅରୁଣ ଦାସ ଯୋଗଦେଇଥିଲେ। ବହିମେଳାର ସଂଯୋଜକ ତଥା ଉପସଭାପତି ଅବନୀ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରାରମ୍ଭରେ ଅନୁଷ୍ଠିତ କବିତା ପାଠୋତ୍ସବରେ କବି ବସନ୍ତ ମଞ୍ଜରୀ ପଟ୍ଟନାୟକ, ପରେଶ ଚନ୍ଦ୍ର ପଟ୍ଟନାୟକ, ଶତ୍ରୁଘ୍ନ ମାଟି, ବିବେକାନନ୍ଦ ଷଡ଼ଙ୍ଗୀ, ବୈକୁଣ୍ଠବିହାରୀ କର, ପ୍ରେମାନନ୍ଦ ରାଉତ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ।

# ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ: ଜଣେ ମୃତ

**ଢେଙ୍କାନାଳ,୧୧।୪(ସମିସ):** ୫୫ନଂ ଜାତୀୟ ରାଜପଥର ମୋଟଙ୍ଗା ଥାନା ହଳଦିଆବାହାଳ ଛକରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ମୃତକ ହେଲେ ତାଳଚେର ଥାନା ବନବାସପୁରର ପ୍ରଫୁଲ୍ଲ ଜ୍ୟୋତିଷଙ୍କ ପୁଅ ଗୁଣନିଧି ଜ୍ୟୋତିଷ (୨୮) ଏବଂ ଗୁରୁତର ଜଣକ ହେଲେ ବିକ୍ରମପୁର ଥାନା ବଡ଼ ଜୋରଡ଼ା ଗ୍ରାମର ଚଣ୍ଡାଳୁ ନାଏକଙ୍କ ପୁଅ ମୁରଲୀଧର ନାଏକ (୨୫)।

ଶୁକ୍ରବାର ସନ୍ଧ୍ୟାରେ ଗୁଣନିଧିଙ୍କ ବାପା ପ୍ରଫୁଲ୍ଲ ଅସୁସ୍ଥ ଥିବାରୁ ତାଙ୍କୁ ଉତ୍କଳ ମେଡିକାଲ ନେବାକୁ ସ୍ଥିର ହୋଇଥିଲା। ଏମସିଏଲ କମ୍ପାନୀରେ ଲାଗୁଥିବା ଏକ ଘରୋଇ ଆମ୍ବୁଲାନ୍ସ ଯୋଗେ ପ୍ରଫୁଲ୍ଲଙ୍କୁ ନିଆଯାଇ ମେଡିକାଲରେ ଆଡମିଟ କରାଯାଇଥିଲା। ବିଳମ୍ବିତ ରାତିରେ ଫେରୁଥିବା ବେଳେ ହଳଦିଆବାହାଳ ଛକ ନିକଟରେ ଆମ୍ବୁଲାନ୍ସ ଏକ ଅଜଣା ଗାଡ଼ି ପଛରେ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ଗୁଣନିଧିଙ୍କ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଚାଳକ ମୁରଲୀଧରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ମୁରଲୀଧରଙ୍କ ମୁଣ୍ଡ, ମୁହଁ ସହ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଛି। ଅନ୍ୟପଟେ ପୁଲିସ ଗୁଣନିଧିଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପଠାଇବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି। ଜାତୀୟ ରାଜପଥ କାର୍ଯ୍ୟ ନିମ୍ନମାନର ଯୋଗୁଁ ଉକ୍ତ ସ୍ଥାନରେ ଆମ୍ବୁଲାନ୍ସ ଭାରସାମ୍ୟ ହରାଇ ଏପରି ଦର୍ଘଟଣା ଘଟିଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ଉକ୍ତ ସ୍ଥାନକୁ ମରାମତି କରିବାକୁ ଦାବି କରିଛନ୍ତି।

